
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା
ଆହ୍ୱାନ
ଜୁନ୍ ୨୦୧୩ ସଂସ୍କରଣ
ହେ ଭୀଷ୍ମ, ତୁମକୁ ମୋ ପ୍ରଣାମ
ବୋଉ
ସପନ
ସ୍ମୃତି ମୋର ତାରାଫୁଲ
ଭଗ୍ନଗହ୍ୱ: ଚନ୍ଦ୍ରାଲୋକ
ବାପାର ହୃଦୟ
ଏବଂ ଅନ୍ୟାନ୍ୟ କବିତା
ମୋ ଭ୍ରମଣ କାହାଣୀ
କୁନିକୁନି ପିଲାଙ୍କ ସହ ଭ୍ରମଣ
ବାବୁଭାଇଙ୍କ ନିଜକଥା
ସାମାଜିକ ଉନ୍ନୟନ କାହିଁକି ବିଫଳ ?

# ଆହ୍ୱାନ

'ଆହ୍ଵାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆଜି ପବିତ୍ର ରଜ ସଂକ୍ରାନ୍ତି । ଓଡ଼ିଆ ମାନଙ୍କ ପାଇଁ ଏହା ଏକ ଉତ୍ସବମୁଖର ସମୟ । ଓଡ଼ିଶାର ପୁରପଲ୍ଲୀରେ କନ୍ୟାମାନେ ଗଛରେ ଦୋଳିବାନ୍ଧି ରଜଗୀତ 'ବନସ୍ତେ ଡାକିଲା ଗଜ.... ' ଗାଇ ବୁଲୁଥିବାର ସମୟ । ସକାଳୁ ସକାଳୁ ଉଠି ସ୍ନାନ ସାରିଦେଇ ପାଦରେ ଅଳତା ଆଉ ମୁହଁରେ ବିଭିନ୍ନ ପ୍ରକାରର ଚିତା ଆଙ୍କିଦେଇ, ସାଙ୍ଗସାଥୀ ହୋଇ ଦୋଳି ଖେଳିବା ସହିତ ପୁଚି, କାଚକଉଡ଼ି, ଲୁଡ଼ୋ ଆଦି ଖେଳି ଖେଳି ଏଇ ତିନିଦିନକୁ ବିତେଇ ଦେବାର ମଜା ନିଆରା ।

ସମୟ ବଦଳିଛି, ସମୟ ସହିତ ଆମ ପରମ୍ପରାରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଛି । ଗାଁ ରଜର ଅନୁଭୂତି ଏବେ ଅନେକଙ୍କ ପାଇଁ ସ୍ବପ୍ନ । ସହରରେ ମଧ୍ୟ ରଜର ଚାହିଦା ରହିଛି । ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ଏହି ସମୟରେ କୁମାରୀକନ୍ୟା ମାନଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରର ପୋଷାକ ପରିପାଟୀ ଆଣି ବିକ୍ରୟ କରନ୍ତି । ଦୋକାନ ବଜାରରେ ରଜ ପିଠା, ପୋଡ଼ପିଠା, ପାନ ଆଦି ବିକ୍ରୀ ହୁଏ । ପାର୍କରେ ଦୋଳି ଖେଳିବା ପାଇଁ ଲମ୍ବା ଧାଡ଼ି ଲାଗେ । ଅବଶ୍ୟ ଗାଁରେ ଯେଉଁ ମଜା ଆସୁଥିଲା ତାହା ଆସେନି, ହେଲେ ଆମ ପିଲାମାନେ ଏଇ ନୂଆ ଅନୁଭୂତିକୁ ଆପଣେଇ ସାରିଲେଣି, ସେମାନେ ଗାଁ କଥା ଜାଣିବେ ବା କେମିତି ?

ଶୀତଳ ଷଷ୍ଠୀ, ମହାପ୍ରଭୁ ଶିବଙ୍କ ବିବାହୋତ୍ସବ ଉପରାନ୍ତ, ରଜ ପର୍ବର ଏଇ ଅନନ୍ୟ ଉତ୍ସବମୟ ସମୟରେ ଆହ୍ବାନର ଚଳିତ ମାସର ସଂସ୍କରଣ ଆପଣ ମାନଙ୍କୁ ଭେଟି ଦେଉଛି । ଆଶା କରୁଛି ଏହା ଆପଣ ମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସୂଚୀପତ୍ର


ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ-ବିଫଳ କାହିଁକି -୫
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ହେ ଭୀଷ୍ମ, ତୁମକୁ ମୋର ପ୍ରଣାମ - ୭
ସୁଷମା ତ୍ରିପାଠୀ

କୁନି କୁନି ପିଲାଙ୍କ ସହ ଏକ ଭିନ୍ନ ଭ୍ରମଣ କାହାଣୀ -୧୦
ରଞ୍ଜନ କୁମାର ପାଣିଗ୍ରାହୀ

ସ୍ମୃତି ମୋର ତାରାଫୁଲ - ୧୪
ଜଗନ୍ନାଥ ରାୟ

ଭଗ୍ନଗୃହ; ଚନ୍ଦ୍ରାଲୋକ - ୧୫
ନବକିଶୋର ପୂଜାରୀ

ବୋଉ - ୧୬
ଅନୁପମ ବେହେରା

ବାବୁ ଭାଇଙ୍କ ନିଜକଥା (ଧାରାବାହିକ) - ୧୭
ଅରବିନ୍ଦ ଆଚାର୍ଯ୍ୟ

ସପନ - ୨୫
ସରୋଜ ମିଶ୍ର

ତିନୋଟି କ୍ଷୁଦ୍ର କବିତା - ୨୬
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ମୋ ଭ୍ରମଣକାହାଣୀ; ଟରୋଣ୍ଟୋ-୯ - ୨୯
ପ୍ରଶାନ୍ତ କୁମାର ଭୂୟାଁ

ଆହ୍ବାନ ସମ୍ପାଦକଙ୍କୁ ପତ୍ର -୩୯
ବାଲ୍ମୀକି ନାୟକ

ରେଳନୀରର ପ୍ରୟୋଜନୀୟତା -୪୬
ରଶ୍ମୀରଞ୍ଜନ କର

Photography Contests 2013 - ୩୯

ବିଶେଷ ସୂଚନା - ୪୦





ଆହ୍ବାନ ଇ-ପତ୍ରିକା ଏବଂ ଆହ୍ବାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ - ବିଫଳ କାହିଁକି



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆମ ଦେଶର ଉନ୍ନତି ପାଇଁ କାମ କରୁଥିବା ପାର୍ଲିଆମେଣ୍ଟ ବ୍ୟବସ୍ଥାରେ ଦେଶରୁ ଗରିବୀ ହଟାଓ ଅଭିଯାନରେ ଦେଶର ଅଧାରୁ ଅଧିକ ଲୋକଙ୍କୁ ବିପିଏଲ୍ ବା ଗରୀବି ରେଖାର ତଳେ ରହୁଥିବା ଦର୍ଶାଇ ସେମାନଙ୍କ ପାଇଁ ମାଗଣାରେ ଖାଦ୍ୟ, ରହିବାପାଇଁ ଘର, ବିଦ୍ୟୁତ ସଂଯୋଗ, ମୋବାଇଲ୍ ଫୋନ୍ ଆଦି ସୁବିଧା ଦିଆଯାଉଛି । ପାଠ ପଢ଼ାରେ ମଧ୍ୟ ସେମାନଙ୍କୁ ଅଗ୍ରାଧିକାର ଦିଆଯାଉଛି । ଏବେ ପଦୋନ୍ନତିରେ ମଧ୍ୟ ସଂରକ୍ଷଣ ରହିବ ବୋଲି ମସୁଧା ଚାଲିଛି । ଏହା ଫଳରେ ସମାଜରେ ଅସମାନତା ଦେଖାଦେବ ଏଥିରେ ସନ୍ଦେହ ନାହିଁ । ଏହି ପରିପ୍ରେକ୍ଷୀରେ ଏକ କାହାଣୀର ଅବତାରଣା କରୁଛି । ଫେସବୁକରୁ ଏହା ପାଇଛି ।

ଆମେରିକାର ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ସାମାଜିକ ତତ୍ତ୍ୱ ଉପରେ ଆଧାରିତ ବ୍ୟବସ୍ଥା ପ୍ରକୃତରେ କାମ କରିବ ନାହିଁ ବୋଲି ଦର୍ଶାଇବାକୁ ଯାଇ ଜଣୈକ ଅଧ୍ୟାପକ ନିଜ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଏକ ପରୀକ୍ଷା କରିଦେଖିବା ପାଇଁ କହିଲେ । ଓବାମାଙ୍କ ତତ୍ତ୍ୱ ଅନୁସାରେ ସମାଜରେ ଧନୀ ଓ ଗରୀବ ବୋଲି କିଛି ରହିବ ନାହିଁ, ସମସ୍ତେ ସମାନ ହେବେ । ତେଣୁ ଅଧ୍ୟାପକ ମତ ଦେଲେ ଯେ ଶ୍ରେଣୀରେ ସମସ୍ତଙ୍କ ଗ୍ରେଡ୍‌କୁ ମିଶାଇ ଦିଆଯିବ ଏବଂ ତାହାର ହାରାହାରି ଅନୁପାତ ବାହାର୍ କରି ସମସ୍ତଙ୍କୁ ଏକାପ୍ରକାର ଗ୍ରେଡ୍ ଦିଆଯିବ । ସମସ୍ତେ ରାଜି ହୋଇଗଲେ ।

ପ୍ରଥମ କ୍ଲାସ ଟେଷ୍ଟ ପରେ ସମସ୍ତଙ୍କ ଗ୍ରେଡ୍‌କୁ ମିଶାଇ ଦିଆଗଲା ଏବଂ ହାରାହାରି ବାହାର କରାଗଲା, ଏହା 'ବି' ଆସିଲା । ଯେଉଁ ଛାତ୍ରଛାତ୍ରୀମାନେ ବହୁତ ପରିଶ୍ରମ କରି ପାଠ ପଢ଼ିଥିଲେ ସେମାନେ ଏଥିରେ ନିରୁତ୍ସାହିତ ହେଲେ, ଏବଂ ଯେଉଁମାନେ କିଛି ପଢ଼ିନଥିଲେ ସେମାନେ ଖୁସି ହେଲେ । ଏହାଫଳରେ ପରବର୍ତ୍ତୀ ଶ୍ରେଣୀ ପରୀକ୍ଷା ବେଳକୁ ମେଧାବୀ ଛାତ୍ରଛାତ୍ରୀମାନେ ଅଳ୍ପ ପଢ଼ିଲେ ଆଉ ଯେଉଁମାନେ ପାଠପଢ଼ାରେ ଦୁର୍ବଳ ଥିଲେ ସେମାନେ ଆହୁରି କମ୍ ପଢ଼ିଲେ, କାରଣ ସେମାନେ ଜାଣିଥିଲେ ଯେ ସେମାନେ ପରିଶ୍ରମ ନ କଲେ ବି ଗ୍ରେଡ୍ ମିଳିବ । ପରବର୍ତ୍ତୀ ପରୀକ୍ଷାରେ ଶ୍ରେଣୀର ଗ୍ରେଡ୍ ଆସିଲା 'ଡି' । ସେହିପରି ତୃତୀୟ ଶ୍ରେଣୀ ପରିକ୍ଷାବେଳକୁ ଗ୍ରେଡ୍ ହେଲା 'ଏଫ୍' । ଏବଂ ଦିନକୁ ଦିନ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଶ୍ରେଣୀରେ ଗ୍ରେଡ୍ ଦୁର୍ବଳ ହେବାରେ ଲାଗିଲା ଏବଂ ପରସ୍ପର ଉପରେ ଦୋଷ ଲଦାଲଦିରେ ସମୟ ବିତିଲା, କେହି ବି ପରିଶ୍ରମ କରିବାକୁ ଚାହିଁଲେ ନାହିଁ, ଏବଂ ଶେଷ ପରୀକ୍ଷାବେଳକୁ ସବୁ ଛାତ୍ରଛାତ୍ରୀ ଫେଲ୍ ହୋଇଗଲେ ।

ଶେଷରେ ଅଧ୍ୟାପକ କହିଲେ, ସାମାଜିକ ସମାନତା କାର୍ଯ୍ୟକ୍ରମ କେବେ ବି ସଫଳ ହେବ ନାହିଁ । କାରଣ ଯେତେବେଳ ଯାଏ ଆମକୁ ଆମ ପରିଶ୍ରମର ଉଚିତ ଫଳ ମିଳୁଥିବ ଆମେ ପରିଶ୍ରମ କରୁଥିବା କିନ୍ତୁ ଯେତେବେଳେ ଜାଣିବା ଯେ ଆମ ପରିଶ୍ରମର ଫଳ ସରକାର ନେଇଯିବେ, କେହି ବି ପରିଶ୍ରମ କରିବେ ନାହିଁ ।

ଏହି ପରୀକ୍ଷଣର ପାଞ୍ଚଟି ଉତ୍କର୍ଷ ହେଉଛି ;

୧. ଧନୀମାନଙ୍କ ଠାରୁ ଧନ ନେଇ ଗରୀବମାନଙ୍କ ଉନ୍ନତି କରିହେବ ନାହିଁ ।

୨. ଯାହା ଜଣେ ବ୍ୟକ୍ତି ବିନାପରିଶ୍ରମରେ ପାଏ, ତାହା ଅବଶ୍ୟ ଆଉ ଜଣେ ପରିଶ୍ରମ କରି ଅର୍ଜିଥାଏ ।

୩. ସରକାର କାହାକୁ ବି କିଛି ଦେଇ ପାରିବ ନାହିଁ, ଯାହା ସେ ଅନ୍ୟଜଣଙ୍କ ଠାରୁ ନେଇ ନଥିବ ।

୪. ଧନକୁ ଭାଗ କରିଦେଲେ ଧନ ବୃଦ୍ଧି ହେବ ନାହିଁ ।

୫. ଯେତେବେଳେ ଦେଶର ଅର୍ଦ୍ଧାଧିକ ଲୋକ ଜାଣିବେ ଯେ ସେମାନେ କିଛି ନ କଲେ ବି ସରକାର ସେମାନଙ୍କୁ ପୋଷିବେ, ଆଉ ଅନ୍ୟମାନେ ଜାଣିବେ ଯେ ସେମାନେ ପରିଶ୍ରମ କରିବାର ଫଳ ଅନ୍ୟମାନେ ବିନା ପରିଶ୍ରମରେ ପାଇବେ ସେତେବେଳେ ଦେଶର ଅବନତି ଘଟିବ ହିଁ ଘଟିବ ।

ଅଷ୍ଟମ ବର୍ଷ, ପଞ୍ଚମ ସଂଖ୍ୟା
ଜୁନ୍ ୨୦୧୩

www.aahwaan.com

# ହେ ଭୀଷ୍ମ, ତୁମକୁ ମୋର ପ୍ରଣାମ



ସୁଷମା ତ୍ରିପାଠୀ

ହେ ଗଙ୍ଗାପୁତ୍ର ଭୀଷ୍ମ, ମୋ ହୃଦୟର କେଉଁ କୋଣରେ ତୁମେ ବିସ୍ମୟ ହୋଇ ରହି ଯାଇଥିଲ | ଅନେକ ଚେଷ୍ଟା କରି ମଧ୍ୟ ତୁମ ଚରିତ୍ରକୁ ବିଶ୍ଳେଷଣ କରିବା ମୋ ପକ୍ଷରେ ସମ୍ଭବପର ହୋଇପାରି ନ ଥିଲା | ମୋ ମନର ଅନେକ ପ୍ରଶ୍ନ, ପ୍ରଶ୍ନର ସ୍ତୁପ ସାଜି ତୁମକୁ ପୋତି ଚାଲିଥିଲା ।

ସତରେ କଣ କୁରୁସଭା ତଳେ, ଦ୍ରୌପଦୀ ବିବସ୍ତ୍ର ବେଳେ ତମେ ବିବଶ ଥିଲ ?

କୌରବ ମାନଙ୍କ ଅନ୍ୟାୟ, ଅନୀତି ଆଗରେ ତୁମେ ନିଜକୁ ଅସହାୟ ମନେ କରୁଥିଲ ?

ତୁମର ନିରବତା କଣ ଥିଲା ତୁମର ବିବଶତା ?

କୌରବ ମାନେ କଣ ତୁମର ଦୁର୍ବଳତା ଥିଲେ ?

କଣ ପାଇଁ ତୁମେ ମହାଭାରତ ଯୁଦ୍ଧରେ କୌରବ ପକ୍ଷ ସମର୍ଥନ କରିଥିଲ ?

ଖାଲି ଏତିକି ନୁହେଁ,

ପୁଣି ତା ସହିତ ...........

ତେବେ ଏ ସବୁ ପରେ, ତୁମ ଚରିତ୍ରକୁ ଏଭଳି ମହାନ କରି ଗଢି ତୋଳି ଦିଆଗଲା କଣ ପାଇଁ ? ଏପରିକି ଭଗବାନ ଶ୍ରୀକୃଷ୍ଣ ମଧ୍ୟ ତୁମ ପ୍ରଶଂସାଗାନରେ କାର୍ପଣ୍ୟତା କରିନାହାନ୍ତି |

ଏସବୁ ସତ୍ତ୍ୱେ, ହେ ପିତାମହ, ତୁମେ ନିଜ ସପକ୍ଷରେ କେବେହେଲେ କୌଣସିଠାରେ ଯୁକ୍ତି ବାଢ଼ିନାହଁ |

କିନ୍ତୁ ଆଜି ................ ଆଜି, ଯେତେବେଳେ, ଦୁର୍ଯ୍ୟୋଧନ ସମେତ କୌରବ ମାନଙ୍କ ବିଭୀଷିକା ମତେ ବ୍ୟଥିତ କଲା , ମୁଁ ଯେତେବେଳେ ମୋ ନିଜକୁ ତୁମ ଆସନରେ ବସାଇବାର ଆସ୍ପର୍ଦ୍ଧା କରିପାରିଲି, ତୁମ ଚରିତ୍ରକୁ ପୁନଃ ପୁନଃ ତର୍ଜମା କରିଚାଲିଲି, ହେ ମହାନୁଭବ, ବୋଧହୁଏ ସେତେବେଳେ ମୁଁ ତମର ମହାନତାକୁ କଳିବାକୁ ସମର୍ଥ ବୋଲି ଭାବିପାରିଲି |

ଆଉ ଏକଥା ମଧ୍ୟ ବୁଝିପାରିଲି, ମୋର ତାହା ନଥିଲା ତୁମ ଆସନରେ ବସିବାର ଏକ ଆସ୍ପର୍ଦ୍ଧା, ବରଂ ତୁମକୁ ତୁମ ଆସନରେ ଦେଖିପାରିବାର ତାହା ଥିଲା ଏକ ଜିଜ୍ଞାସା | ହେ ପିତାମହ, ତୁମ ମହାନତାର ଦୀପ୍ତି ଆଗରେ,ମୋର ପ୍ରଶ୍ନ ସବୁ ମଳିନ ପଡ଼ିଯାଇଥିଲା |

ନା ତୁମର ନିରବତା ଥିଲା, ତୁମର ବିବଶତା, ନା ତୁମର ନିରପେକ୍ଷତା ଥିଲା ତୁମର ଅସହାୟତା, ସିଂହାସନର ସୁରକ୍ଷା ପାଇଁ ତୁମର



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ପ୍ରତିଶ୍ରୁତି, କେବଳ ତୁମର ଅସୀମ ଧୈର୍ଯ୍ୟର ପରିଚୟ ହିଁ ଦେଇଥିଲା | ତୁମେ ଜାଣିଥିଲ, ହସ୍ତିନାର ସିଂହାସନ ପାଇଁ ଉପଯୁକ୍ତ ଉତ୍ତରାଧିକାରୀର ଅଭାବ ଥିଲା, ତେଣୁ ତାର ସୁରକ୍ଷାର ଦାୟିତ୍ୱ ନେଇ ସିଂହାସନରେ ବସିବାର ଲାଳସାରୁ ନିଜକୁ ଦୁରେଇ ରଖିଥିଲ |

ସିଂହାସନର ପାର୍ଶ୍ୱରେ ରହି ଉପଯୁକ୍ତ ପରାମର୍ଶ ଦେବାରେ କେବେ ହେଳା କରିନଥିଲ, ଯଦିଓ ଭଲ ଭାବରେ ଜାଣିଥିଲ, ଅଜ୍ଞାନ, ଅହଂକାରରେ ଅନ୍ଧ ବ୍ୟକ୍ତିଙ୍କୁ ପରାମର୍ଶ ଦେବା, ନ ଦେବା ସଂଗେ ସମାନ | ସିଂହାସନର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ, ହେ ଗାଙ୍ଗେୟ, ତଥାପି ତୁମେ ଧୈର୍ଯ୍ୟହରା ହୋଇନଥିଲ | କୌରବମାନଂକୁ ସିଂହାସନରେ ବସିବା ପାଇଁ, ଯଥା ଯୋଗ୍ୟ କରି ଗଢି ତୋଳିବାରେ, ତୁମ ଉଦ୍ୟମର ଶେଷ ନ ଥିଲା, ଯଦିଓ ତୁମେ ଏକଥା ଜାଣିଥିଲ ଯେ ସମସ୍ତ ଉଦ୍ୟମ ପରେ ମଣିଷକୁ ଯୋଗ୍ୟ ହେବା ପାଇଁ ନିଜ ଉଦ୍ୟମର ମଧ୍ୟ ସେତିକି ଆବଶ୍ୟକତା ରହିଛି |

କୁରୁସଭା ତଳେ ଘଟିଯାଇଥିବା ଅନେକ ଘଟଣା, ଅଘଟଣା ପାଇଁ ତୁମକୁ ଦାୟୀ କରାଯାଇଥିଲେ ମଧ୍ୟ, ସମସ୍ତ ମାନ ଅପମାନକୁ ତୁମେ ନିରବରେ ଗ୍ରହଣ କରିନେଇଥିଲ | ଏକଥା କିଏ ବା ଜାଣିନଥିଲା, ଅହଂକାରରେ ଉନ୍ମତ୍ତ ବ୍ୟକ୍ତିର ହିତାହିତ ଜ୍ଞାନ ନ ଥାଏ, ସେ କାହାର କଥା ଶୁଣିବା ଅବସ୍ଥାରେ ନ ଥାଏ | ଅସତ୍ ମାର୍ଗରେ ପ୍ରବେଶ କରିଥିବା କୌରବମାନେ ଯେ ପର୍ଯ୍ୟନ୍ତ ନିଜ ତ୍ରୁଟି ନିଜେ ଦେଖିନାହାନ୍ତି, ସେମାନଙ୍କୁ ତାହା ଆଉ କେହି ଦେଖାଇ ପାରିବ ନାହିଁ | ଏସବୁ ସତ୍ତ୍ୱେ, ହେ ଗଙ୍ଗାପୁତ୍ର ତଥାପି କେଉଁ ଠାରୁ ପାଇଲ ଏତେ ଧୈର୍ଯ୍ୟ, କେମିତି ସେଦିନ ଅପେକ୍ଷା କରି ରହି ପାରିଥିଲ ଏକ ଅନାଗତ ଭବିଷ୍ୟତ ର |

ଶେଷରେ ଆସି ପହଞ୍ଚିଥିଲା, ଧର୍ମ ଯୁଦ୍ଧର ସମୟ | ଯେତେବେଳେ ଦୁର୍ଯ୍ୟୋଧନ, ବିନା ଯୁଦ୍ଧରେ ଛୁଞ୍ଚି ମୁନରେ ମୁନେ ଜାଗା ଦେବନାହିଁ ବୋଲି ମନା କରିଦେଇଥିଲା, ସିଂହାସନ ପାଇଁ ଉପଯୁକ୍ତ ଉତ୍ତରାଧିକାରୀ ନିର୍ଣ୍ଣୟ ହେବାର ସୁଯୋଗ ମଧ୍ୟ ଆସିଯାଇଥିଲା | ପିତାମହ, ତମେ ସସମ୍ମାନେ ସ୍ୱାଗତ ଜଣାଇଥିଲ ଧର୍ମଯୁଦ୍ଧର | ଏକଥା କଣ ସମସ୍ତେ ଜାଣିନଥିଲେ କି, ହସ୍ତିନାପୁର ସିଂହାସନର ସୁରକ୍ଷା ଭୀଷ୍ମଙ୍କ କାମ୍ୟ ?ତଥାପି ଦୁର୍ଯ୍ୟୋଧନ ତାର ଅଜ୍ଞାନତାରେ ଖୁସି ଥିଲା, ତୁମେ ତାର ସୁରକ୍ଷା ପାଇଁ ଯୁଦ୍ଧ କରୁଛ |

ଯେତେବେଳେ ତୁମର ବାର୍ତ୍ତା


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଥିଲା,'ଧର୍ମ ଯୁଦ୍ଧରେ କେବଳ ଧାରଣାର ହିଁ ଜୟ ହେବ, ଧର୍ମର ବିପକ୍ଷରେ ଯିଏ ରହିବ, ସେ ଭୀଷ୍ମ ହୁଅନ୍ତୁ ନା କାହିଁକି ବିନାଶ ସୁନିଶ୍ଚିତ । ସେତେବେଳେ ମୋର ମୂଢ଼ ପ୍ରଶ୍ନ ଥିଲା "ହେ ଗଂଗାପୁତ୍ର, କେଉଁ ଦୁର୍ବଳତାର ବଶବର୍ତ୍ତୀ ହୋଇ ଯୁଦ୍ଧରେ ତୁମେ ଦୁର୍ଯ୍ୟୋଧନର ପକ୍ଷ ସମର୍ଥନ କରିଥିଲ?"

ହେ ଗାଙ୍ଗେୟ, ମାତାଙ୍କ ଠାରୁ ଇଚ୍ଛାମୃତ୍ୟୁର ବରପ୍ରାପ୍ତ ହୋଇଥିଲ ତୁମେ | ଯୁଦ୍ଧର ଆରମ୍ଭରୁ ଜାଣିଥିଲ, ଭଗବାନ ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କ ତରଫରୁ ସାରଥୀର ଭୂମିକା ତୁଲାଉଛନ୍ତି | ଅତଏବ ଯୁଦ୍ଧରେ ଧର୍ମର ହିଁ ଜୟ ହେବ, ସିଂହାସନକୁ ତା'ର ଉପଯୁକ୍ତ ଉତ୍ତରାଧିକାରୀ ମିଳିଯିବ | ତୁମେ ଚାହିଁ ଥିଲେ ଇଚ୍ଛାମୃତ୍ୟୁ ବରଣ କରିପାରିଥାନ୍ତ | କିନ୍ତୁ ନା, ମାତାଙ୍କ ଠାରୁ ପ୍ରାପ୍ତ ବରର ସାମାନ୍ୟତମ ଅମର୍ଯ୍ୟାଦା କରି ନ ଥିଲ ତୁମେ | ସିଂହାସନର ସୁରକ୍ଷା ପାଇଁ ତୁମର ପ୍ରତିଶ୍ରୁତି, ଆନନ୍ଦରେ ବରଣ କରିନେଇଥିଲା, ଶରଶଯ୍ୟାକୁ | ସେହି ଶରଶଯ୍ୟାରେ ଅପେକ୍ଷା କରି ରହିଲ ଯୁଦ୍ଧର ଶେଷ ପର୍ଯ୍ୟନ୍ତ | ସିଂହାସନର ଉତ୍ତରାଧିକାରୀ ବିଜୟୀ ପାଣ୍ଡବ ଯୁଧିଷ୍ଠିରଙ୍କୁ, ଉପଯୁକ୍ତ ଭାବେ ରାଜାର ଧର୍ମ ବୁଝାଇସାରି, ମାତାଙ୍କ ବରର ସମ୍ମାନରେ ତୁମେ ଏ ଧରା ପୃଷ୍ଠରୁ ବିଦାୟ ନେଇଥିଲ |

ହେ ମହାନୁଭବ, ଗଙ୍ଗାପୁତ୍ର, ହେ ପିତାମହ ଭୀଷ୍ମ, ତୁମର ଅସୀମ ଧୈର୍ଯ୍ୟ ପାଖରେ ମୁଁ ନତ ମସ୍ତକ | ଆଜି ବି ତୁମେ ବିବେକ ରୂପରେ, ପ୍ରତିଟି ମଣିଷର ହୃଦୟରେ ବିରାଜିତ, ଅସୀମ ଧୈର୍ଯ୍ୟର ସହିତ ଅପେକ୍ଷାରତ, ସେହି ଅନାଗତ ଭବିଷ୍ୟତ ପାଇଁ, ଯେଉଁ ଦିନ ମଣିଷ ଭିତରର, ଦୁର୍ଯ୍ୟୋଧନ ରୂପୀ ଅଜ୍ଞାନ, ଅହଂକାରର ବିନାଶ ଘଟିବ, ଆଉ ଯୁଧିଷ୍ଠିର ରୂପୀ ଧର୍ମ ସେ ଆସନ ଅଳଂକୃତ କରିବ ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# କୁନି କୁନି ପିଲାଙ୍କ ସହ ଭିନ୍ନ ଏକ ଭ୍ରମଣକାହାଣୀ



ରଞ୍ଜନ କୁମାର ପାଣିଗ୍ରାହୀ

ଜାନୁଆରୀ ମାସର ଏକ ଶୀତ ସକାଳ | ସୂର୍ଯ୍ୟୋଦୟ ହେବାକୁ ଆହୁରି ଅନେକ ସମୟ ବାକି | ବାଜଣା ମଧ୍ୟ ଇଂରାଜୀ ବିଦ୍ୟାଳୟ ଫାଟକ ସମ୍ମୁଖରୁ ଗାଡ଼ି ଯାତ୍ରା ଆରମ୍ଭ କଲା କୁନି କୁନି ପିଲା ଆଉ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନେଇ | ନା ମୁଁ ଛାତ୍ର ଥିଲି, ନା ଶିକ୍ଷକ | ଯେହେତୁ ଆମ ଗାଆଁର ଏହି ବିଦ୍ୟାଳୟଟିରେ ବାପା ସଭାପତି ଥିଲେ ତଥା ଗାଡ଼ିରେ ଜାଗା ଫାଙ୍କା ଥିଲା, ଆଉ ମୋତେ ଶିକ୍ଷକମାନେ ଚିହ୍ନିଥିଲେ; ତେଣୁ ମୁଁ ମଧ୍ୟ ଥିଲି ସେମାନଙ୍କ ସହିତ | ନୂଆ ଜାଗା ଦେଖିବାର ତଥା କୁନି ପିଲାମାନଙ୍କ ସହ ମିଶି କିଛି କ୍ଷଣ ପାଇଁ ପିଲାଦିନକୁ ଫେରିବାର ଇଚ୍ଛା ମନରେ ବସା ବାନ୍ଧିଥିଲା | ସେ ଯାହା ବି ହେଉ; ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ, ୬ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ମୋତେ ନେଇ ମୁହଁ-ଅନ୍ଧାରରୁ ଗାଡ଼ି ଯାତ୍ରା ଆରମ୍ଭ କଲା ବାବା ଭୂଷଣ୍ଡେଶ୍ୱର ମନ୍ଦିର, ବାବା ଚନ୍ଦନେଶ୍ୱର ମନ୍ଦିର, ତାଳସାରୀ ବେଳାଭୂମି, ଦୀଘା ବିଜ୍ଞାନ କେନ୍ଦ୍ର ଏବଂ ଦୀଘା ବେଳାଭୂମି ଅଭିମୁଖେ|

ଥଣ୍ଡା ପବନର ମହକ, ଦୂର ଦିଗ୍‌ବଳୟରେ ସୂର୍ଯ୍ୟୋଦୟ, ପିଲାଙ୍କ କୋଳାହଳ; ଗାଡ଼ି ଚାଲିଥିଲା କୁଜ୍ଝଟିକାର ବକ୍ଷ ଭେଦ କରି | ପ୍ରାୟ ସକାଳ ୮ଟା ବେଳେ ଆମେ ଭୋଗରାଇରେ ପହଞ୍ଚିଗଲୁ | ସେଠାରେ ପୁରୀ, ଆଳୁଦମ୍ ଖାଇ ବାହାରିଲୁ ବାବା ଭୂଷଣ୍ଡେଶ୍ୱରଙ୍କୁ ଦର୍ଶନ କରିବା ପାଇଁ | ଭୋଗରାଇରୁ ଭୂଷଣ୍ଡେଶ୍ୱର ୧୫ କି.ମି. ଦୂର ଥିଲା | ତେଣୁ ଅଳ୍ପ ସମୟ ମଧ୍ୟରେ ଆମେ ସେଠାରେ ପହଞ୍ଚିଗଲୁ | ମନ୍ଦିରଟି ଛୋଟ ଥିଲା | କ୍ଷଣକ ପାଇଁ ମୁଁ ଭାବିଲି, ଏତେ ଛୋଟ ମନ୍ଦିର ଭିତରେ ଏତେ ବଡ଼ ଶିବଲିଙ୍ଗ କିପରି ରହିଥିବ? ହଁ, ଏଇଠି କହି ରଖୁଛି, "ଭୂଷଣ୍ଡେଶ୍ୱର ଶିବଲିଙ୍ଗ ହେଉଛି ଏସିଆ ମହାଦେଶର ସବୁଠାରୁ ବଡ଼ ଶିବଲିଙ୍ଗ | କିମ୍ବଦନ୍ତୀ ଅନୁସାରେ, ରାବଣ କୈଳାସ ପର୍ବତ ଯାଇ ଶିବଙ୍କୁ ତପସ୍ୟାରେ




ସନ୍ତୁଷ୍ଟ କରି ଏହି ଶିବଲିଙ୍ଗଟି ନେଇ ଫେରୁଥିଲା, ଲଙ୍କାରେ ପ୍ରତିଷ୍ଠା କରିବା ପାଇଁ | ଭଗବାନ ଶିବ କହିଥିଲେ, ଲିଙ୍ଗଟି ନେଇ ଯିବା ସମୟରେ ମଝି ବାଟରେ କେଉଁଠି ବି ନ ରଖିବା ପାଇଁ | ବାଲେଶ୍ୱର ଜିଲ୍ଲାର ଠିକ୍ ଏହି ସ୍ଥାନରେ ରାବଣକୁ ପରିସ୍ରା ଲାଗିଲା | ସେଠାରେ ଗଣେଶ କୃଷକ ବେଶରେ କ୍ଷେତରେ ଛିଡ଼ା ହୋଇଥିଲେ | ରାବଣ ତାଙ୍କୁ ଲିଙ୍ଗଟି ଧରାଇ ଦେଇ ପରିସ୍ରା କରିବାକୁ ଗଲା | ଫେରି ରାବଣ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଦେଖେ ତ, କୃଷକଟି ସେଠାରେ ନାହିଁ; ଆଉ ଶିବଲିଙ୍ଗ ମାଟି ଉପରେ ରହିଛି | ସେ ଯେତେ ଚେଷ୍ଟା କଲେ ମଧ୍ୟ ଲିଙ୍ଗଟିକୁ ଆଉ ଉଠାଇ ପାରିଲା ନାହିଁ | ସେହିଦିନଠାରୁ ଶିବଶମ୍ଭୁ ଭୂଷଣ୍ଡେଶ୍ୱର ନାମରେ ସେଠାରେ ପୂଜା ପାଉଛନ୍ତି|" ପିଲାମାନଙ୍କ ସହ ମୁଁ ଯାହା ଦେଖିଲି, ସେଥିରେ ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ | ଏକ ବିଶାଳ କଳା ମଚମଚ ଶିବଲିଙ୍ଗ | ଶିବଲିଙ୍ଗ ଓ ମନ୍ଦିର କାନ୍ଥ ମଧ୍ୟରେ ଅଳ୍ପ ବ୍ୟବଧାନ ଥିଲା | ସେଠାରେ ପୂଜାରୀ ପୂଜା କରୁଥିଲେ; ଆଉ ଆମେ ବାବା ଭୂଷଣ୍ଡେଶ୍ୱରଙ୍କୁ ଦର୍ଶନ କରୁଥିଲୁ | ଲିଙ୍ଗ ଉପରେ କ୍ଷୀର ଢାଳିବା ପାଇଁ ଭକ୍ତମାନଙ୍କୁ ପାହାଚ ଦେଇ କିଛି ବାଟ ଉପରକୁ ଉଠିବାକୁ ପଡୁଥିଲା | ପାହାଚ ଉପରିଭାଗରେ ଛିଡ଼ା ହୋଇ ସେମାନେ କ୍ଷୀର ଢାଳୁଥିଲେ | ମୁଁ ମୋର ଚିତ୍ର ଉତ୍ତୋଳନ କାର୍ଯ୍ୟକ୍ରମ ଶେଷ କରି ବାହାରେ କିଛି ସମୟ ବୁଲାବୁଲି କଲି | ଲକ୍ଷ୍ୟ କଲି, ଛୋଟ ମନ୍ଦିରଟିର ଅବସ୍ଥା ସଂକଟାପନ୍ନ | ମନେ ମନେ ଭାବିଲି, ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏତେ ସବୁ କାମ କରୁଛି; ହେଲେ ଏତେ ମହାନ ସ୍ଥାନଟି କଥା କିପରି ଭୁଲି ଯାଇଛି? ପାଖରେ ଭୂଷଣ୍ଡେଶ୍ୱରଙ୍କ ଫଟୋ ବିକ୍ରି କରୁଥିବା ଦୋକାନୀକୁ ପଚାରିବାରୁ ସେ କହିଲା, "ନୂତନ ମନ୍ଦିର ନିର୍ମାଣ ପାଇଁ ଅର୍ଥ ଅନୁଦାନ ସରିଛି | କିନ୍ତୁ ରାଜନୈତିକ ଗଣ୍ଡଗୋଳ କାରଣରୁ କାମ ଆରମ୍ଭ ହୋଇନାହିଁ|" ମୋର ସନ୍ଦେହର ଅବକାଶ ନଥିଲା | ଏ ନେତାମାନେ ଦେଶକୁ ଲୁଟି ସାରିଲେଣି | ଶେଷରେ ଭଗବାନଙ୍କୁ ମଧ୍ୟ ଛାଡ଼ିଲେ ନାହିଁ|




ତା'ପରେ ଆମେ ଚାଲିଲୁ ବାବା ଚନ୍ଦନେଶ୍ୱରଙ୍କ ଦର୍ଶନ ପାଇଁ|ଭୂଷଣ୍ଡେଶ୍ୱରରୁ ଚନ୍ଦନେଶ୍ୱର ମାତ୍ର ୫ କି.ମି. ଦୂର ଥିଲା | ଝାଉଁ ବଣ ଓ ପାନ ବରଜ ମଧ୍ୟରେ ଥିବା ପିଚୁରାସ୍ତାରେ ଗାଡ଼ି ଆଗେଇ ଚାଲିଥିଲା | ଗାଡ଼ି ଭିତରେ ପିଲାଙ୍କ ବଦମାସି ମଧ୍ୟ ଚାଲିଥିଲା | ଶିକ୍ଷକମାନେ ସେମାନଙ୍କୁ ତାଗିଦ୍ କରୁଥିଲେ | ମୁଁ କିନ୍ତୁ ସେସବୁକୁ ଉପଭୋଗ କରୁଥିଲି | ସମସ୍ତେ ଥିଲେ "ଓଳିଆରୁ ଗଜା" | କିଛି ସମୟ ପରେ ଆମେ ଯାଇ ପହଞ୍ଚିଲୁ ଚନ୍ଦନେଶ୍ୱରରେ | ମନ୍ଦିର ପ୍ରାଙ୍ଗଣ ବେଶ୍ ପ୍ରଶସ୍ତ ଥିଲା | ପିଲାମାନେ ଚାରିଆଡ଼େ ଖେଳିଗଲେ | ମୁଁ ଗୋଟି ଗୋଟି ମନ୍ଦିର ବୁଲି ଦେଖୁଥିଲି | ହଠାତ୍ ଜଣେ ପୂଜାରୀ ମୋ ହାତକୁ ଧରି କହିଲେ, "ଭିତରେ ବହୁତ ଭିଡ଼ ହୋଇଛି | ଯଦି ଶିବଲିଙ୍ଗ ଦର୍ଶନ କରିବ, ତେବେ ମୋ ସହ ଚାଲ|" ମୁଁ କିଛି କହିବା ପୂର୍ବରୁ ସେ ମୋତେ ନେଇ ଆଗକୁ ଚାଲିବା ଆରମ୍ଭ କରି ଦେଇଥିଲେ|ମୁଖ୍ୟ ମନ୍ଦିରରେ ଅନେକ ଭକ୍ତଙ୍କ ସମାଗମ | ସମସ୍ତଙ୍କୁ ଠେଲି ସେ ମୋତେ ନେଇ ସିଧା

ଶିବଲିଙ୍ଗ ପାଖରେ ଛିଡ଼ା କରାଇଦେଲେ | ମୁଁ ଦର୍ଶନ କଲି; ପାଦୁକା ପାନ କଲି | ତା'ପରେ ସେ ମୋତେ ବାହାରକୁ ନେଇ ଆସିଲେ ଓ ୫୦ ଟଙ୍କା ମାଗିଲେ | ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଅନାଇଲି | ଠାକୁରଙ୍କୁ ନେଇ ମଧ ବେପାର କରୁଛନ୍ତି ପୂଜାରୀ ମହାଶୟ | ଚୁପ୍‌ଚାପ୍ ମୁଁ ୨୦ ଟଙ୍କା ତାଙ୍କ ହାତରେ ଗୁଞ୍ଜିଦେଇ ସେଠାରୁ ଚମ୍ପଟ ମାରିଲି | ପଛରୁ ସେ ଡାକୁଥିଲେ; ମୁଁ କିଛି ନ ଶୁଣିଲା ପରି ମନ୍ଦିର ଅନ୍ୟ ପାଖକୁ ପଳାଇଗଲି | ପିଲାମାନଙ୍କ ସହ ମିଶି ମନ୍ଦିର ପ୍ରାଙ୍ଗଣରେ ବୁଲିଲି|




ଏଥର ଆମେ ଚାଲିଲୁ ତାଳସାରୀ ବେଳାଭୂମିକୁ | ବାଲେଶ୍ୱର ଜିଲ୍ଲାର ଏହି ବେଳାଭୂମିଟି ନାଲି କଙ୍କଡ଼ାମାନଙ୍କର ବାସସ୍ଥଳୀ ଥିଲା | ତାଳ - ତାଳଗଛ, ସାରୀ - ସାରଣୀ; ତାଳସାରୀ ନାମକରଣର ଅର୍ଥ ହେଉଛି, ବେଳାଭୂମିରେ ତାଳଗଛ ଧାଡ଼ି ହୋଇ ଉଠିଥିଲା | ଏହି ବେଳାଭୂମିଟି ଚନ୍ଦନେଶ୍ୱରରୁ ମାତ୍ର ୩ କି.ମି ବ୍ୟବଧାନରେ ଥିଲା | ଆମେ ଖୁବ୍ ଶୀଘ୍ର ସେଠାରେ ପହଞ୍ଚିଲୁ | ପରିବେଶ ଶାନ୍ତ ଥିଲା | ସମୁଦ୍ରର ଢେଉ ମଧ ଧୀର ଥିଲା | ସେଥିପାଇଁ ଏହାକୁ ଶାନ୍ତ ବେଳାଭୂମି ମଧ କୁହାଯାଏ | ବେଳାଭୂମିର ବାଲି ଉପରେ ଅନେକ ଗୁଡ଼ିଏ ଛୋଟ ଛୋଟ ଗାତ ଥିଲା | ସେହି ଗାତଗୁଡ଼ିକ ପାଖରେ ନାଲି କଙ୍କଡ଼ାମାନେ ଶୋଇ ଶୀତଦିନର କଅଁଳ ଖରା ଉପଭୋଗ କରୁଥିଲେ | ଶାନ୍ତ ପରିବେଶ ସହ ନାଲି କଙ୍କଡ଼ାଙ୍କ ଦୃଶ୍ୟରେ ମୁଁ ଆତ୍ମହରା ହୋଇଗଲି | ସବୁଠାରୁ ମଜାକଥା ହେଲା, ସେମାନଙ୍କ ପାଖକୁ ଗଲେ, ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରୁ ସେମାନେ ଗାତର ନିକଟତର ହେଉଥିଲେ | ମୁଁ ଗୋଟିଏ ପାଦ ଆଗକୁ ବଢ଼ାଉଥିଲି; ସେମାନେ ଟିକେ ପଛକୁ ଫେରୁଥିଲେ | ଏମିତି କିଛି ବାଟ ଯାଇ ସେମାନଙ୍କର ନିକଟବର୍ତ୍ତୀ ହେଲା ବେଳକୁ, ସେମାନେ ଗାତ ଭିତରେ ପଶି ସାରିଥିଲେ | ପିଲାମାନେ ସମୁଦ୍ର ପାଣିରେ ବଦମାସି ଆରମ୍ଭ କରି ଦେଇଥିଲେ | ଶିକ୍ଷକମାନେ ସେମାନଙ୍କୁ ତାଗିଦ୍ କରୁଥିଲେ | ମୁଁ ଟିକେ ଦୂରରେ ଛିଡ଼ା ହୋଇ ବେଳାଭୂମିର ମନୋରମ ପରିବେଶକୁ ଉପଭୋଗ କରୁଥିଲି|

ତା'ପରେ ଆମେ ଚାଲିଲୁ ଦୀଘା ଅଭିମୁଖେ | ସେତେବେଳକୁ ସମୟ ଦିନ ୨ଟା ୩୦ ମିନିଟ | ଭୋରେ ସମସ୍ତେ ଛଟପଟ ହେଉଥିଲେ | ବାଟରେ ଏକ ହୋଟେଲରେ ଆମେ ମାଛ-ଭାତ ଖାଇଲୁ | ଏ ଅଞ୍ଚଳଟି ଆଧୁନିକ ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମା ଥିଲା | ତେଣୁ ଏଠାକାର ଲୋକମାନେ ଓଡ଼ିଆ ଓ ବଙ୍ଗାଳୀ ମିଶ୍ରଣ କରି କଥା କହୁଥିଲେ | ଆମେ ଓଡ଼ିଆରେ ସେମାନଙ୍କ ସହ କଥା ହେଉଥିଲୁ | କିନ୍ତୁ ସେମାନେ ଆମକୁ ଓଡ଼ିଆ ଓ ବଙ୍ଗାଳୀ




ମିଶାଇ ଉତ୍ତର ଦେଉଥିଲେ | ଆମେ ଯାଇ ପହଞ୍ଚିଲୁ ଦୀଘା ବିଜ୍ଞାନ କେନ୍ଦ୍ର ସମ୍ମୁଖରେ | ଏକ ବିରାଟ ନିର୍ଜୀବ ଡାଇନସର ଫାଟକ ସାମ୍ନାରେ ଆମକୁ ସ୍ୱାଗତ କଲା | ବିଜ୍ଞାନ କେନ୍ଦ୍ର ମଧରେ ଆମେ ଅନେକ କିଛି ଦେଖିଲୁ | ହିଲିୟମର ଗୁଣଠାରୁ ଆରମ୍ଭ କରି ଡି.ଏନ୍.ଏ.ର ଗଠନ ଶୈଳୀ ପର୍ଯ୍ୟନ୍ତ; ସବୁକିଛି ରହିଥିଲା ତା' ମଧ୍ୟରେ | ସବୁଠୁ ମଜାଦାର ଥିଲା "ଭୁଲ୍‌ଭୁଲେୟା" | ଏକ କୋଠରୀ ମଧ୍ୟରେ କ୍ଷୀଣ ନୀଳ ଆଲୋକ ଜଳୁଥିଲା; ଆଉ କୋଠରୀଟି ଅଙ୍କାବଙ୍କା ରାସ୍ତାରେ ପରିପୂର୍ଣ୍ଣ ଥିଲା | କାନ୍ଥରେ ବଡ଼ ବଡ଼ ଦର୍ପଣ ଲାଗିଥିଲା | ତା' ଭିତରକୁ ପଶିଗଲେ, ଅନ୍ୟ ପଟେ ବାହାରିବା କଷ୍ଟକର ବ୍ୟାପାର ଥିଲା | ମୁଁ ୨-୩ ଥର ଚେଷ୍ଟା କରିବା ପରେ ଯାଇ ସଫଳ ହେଲି | ପିଲାମାନେ ଭିତରକୁ ଯାଇ ଡରିଗଲେ | ମୁଁ ମଧ୍ୟ ଡରି ଯାଇଥିଲି | ଅନେକ ବିଜ୍ଞାନ ସମ୍ବନ୍ଧୀୟ ଜିନିଷ ଦେଖିଲା ପରେ ଆମେ ସେଠାରୁ ଫେରିଲୁ|

ଏବେ ଆମ ଭ୍ରମଣର ଶେଷ ସ୍ଥାନ ଥିଲା ଦୀଘା ବେଳାଭୂମି | ବେଳାଭୂମିରେ ପହଞ୍ଚିବା ବେଳେ ସୂର୍ଯ୍ୟ ଅସ୍ତ ହେବାକୁ ଯାଉଥିଲେ | ସମୁଦ୍ର ବେଳାଭୂମିରେ ସୂର୍ଯ୍ୟାସ୍ତର ମନୋରମ ସୌନ୍ଦର୍ଯ୍ୟ ମୁଁ ମନଭରି ଉପଭୋଗ କଲି | ତାଳସାରୀ ବେଳାଭୂମି କେତେ ଶାନ୍ତ ଥିଲା | ମାତ୍ର ତା'ଠାରୁ ଅଳ୍ପ ଦୂରରେ ଏହି ଦୀଘା ବେଳାଭୂମି ଥିଲା କୋଳାହଳମୟ | ଏଠାକାର ସମୁଦ୍ର ପାଣି ପ୍ରଦୁଷଣ କାରଣରୁ କଳା ପଡ଼ି ଯାଇଥିଲା | ଆମେ ପାଖରେ ଥିବା ଦୋକାନ ସବୁ ବୁଲି ଦେଖିଲୁ |

ପ୍ରାୟ ସନ୍ଧ୍ୟା ୭ଟା ବେଳକୁ ଆମେ ପ୍ରତ୍ୟାବର୍ତ୍ତନ କଲି ଘର ଅଭିମୁଖେ | ସମସ୍ତେ ହାଲିଆ ହୋଇ ପଡ଼ିଥିଲେ | ଫେରିବା ବାଟରେ ପ୍ରାୟ ସମସ୍ତେ ଶୋଇ ପଡ଼ିଥିଲେ | ରାତିରେ ଗାଡ଼ି ଆସି ଗାଆଁରେ ପହଞ୍ଚିଲା | ସମସ୍ତେ ଭ୍ରମଣର ସ୍ମୃତି ନେଇ ଘରକୁ ଫେରିଲେ | ମୁଁ ରାତ୍ରି ଭୋଜନ ପରେ ହଜିଗଲି ସେଦିନର ସ୍ମୃତିରେ; ଆଉ ଲେଖିବାକୁ ବସିଗଲି ଭ୍ରମଣ କାହାଣୀଟିଏ |



www.aahwaan.com

# ସ୍ମୃତି ମୋର ତାରା ଫୁଲ



ଜଗନ୍ନାଥ ରାୟ

ସଂଧ୍ୟା ସମୟର ସେଇ ଅସ୍ତ ଭରା ସୂର୍ଯ୍ୟ
ସୁନେଲି କିରଣରେ ମନେ ପଡୁଥିଲା ମୋ ପ୍ରିୟାର ଖିଲି ଖିଲି ହସ,
ଭାବୁଥିଲି ବସି ସେଠି ପିଲାବେଳେ ଗାଇଥିବା ମୋ ପ୍ରିୟାର ଦୁଇ ଧାଡି ଗୀତ |

ସେଦିନ ପ୍ରିୟା ମୋର ଥିଲା ମୋଠୁ ବହୁତ ଦୁରରେ
ହେଲେ ସ୍ମୃତିରୁ କିନ୍ତୁ ଯାଇ ନଥିଲା ସେ, ଘର କରି ରହିଥିଲା ମୋ ଛୋଟ ହୃଦୟରେ..
ଉଦ୍ୟାନ ର ସେଇ ଫୁଲ ଗଛ ମୂଳେ, ସ୍ମୃତିରେ ସ୍ମୃତିରେ ମୁଁ ଶୋଇ ପଡୁଥିଲି ମୋ ପ୍ରିୟା ର କୋଳରେ ||

ଅଭିମାନୀ ପ୍ରିୟା ମୋର କରୁଥିଲା କେତେ ଯେ ଅଭିମାନ,
ପୁଣି ତାର ଲାଜ-ଲାଜ ଓଠରେ ଆଙ୍କୁଥିଲା ଚୁମ୍ବନ ର ଧାର

ଆଖିରେ ଆଖି ମିଶେଇ ହଜି ଯାଉଥିଲା ସେ ଆମ ସ୍ବପ୍ନ ରାଇଜରେ,
ସପନ ବଣିକ ହୋଇ ମୁଁ ସ୍ବପ୍ନ ବୁଣୁଥିଲି, ମୋ ପ୍ରିୟାର ସପନ ଖେତରେ |

ସ୍ମୃତି ଉଦ୍ୟାନର ସେ ମୋରୋ ସ୍ମୃତି ଭରା ପ୍ରିୟା
ସ୍ମୃତି ତାର ଆକାଶ ର ତାରା ,
ଖିଲି ଖିଲି ହସୁଥିଲା ଜହ୍ନ ପରି
କରୁଥିଲା କେତେ ହସ ମଜା ..|


ଅସ୍ତ ଭରା ସୂର୍ଯ୍ୟ ଅସ୍ତ ହୋଇ ସାରିଥିଲା
ରାତ୍ରୀର ଅନ୍ଧାରରେ ସୁନେଲି କିରଣ କୁ ଢାଙ୍କି ଦେଇଥିଲା,
ମୁଁ ହଜି ଯାଇଥିଲି ମୋ ପ୍ରିୟା ସ୍ମୃତିର ମୋ ପ୍ରେମ ରାଇଜରେ

ହଠାତ୍ ନିସ୍ତବ୍ଧ ନିରବ ରେ ମୋ ଆଖି ଖୋଲି ଗଲା ,
ଉଠି ବସି ଦେଖେ ତ,
ଏ ସବୁ ଥିଲା ,ମୋ ପ୍ରିୟା ର ସ୍ମୃତି ଭରା ଫୁଲ ତାରା |



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ଭଗ୍ନଗୃହ; ଚନ୍ଦ୍ରାଲୋକ



ନବକିଶୋର ପୂଜାରୀ

ପ୍ରେମର ଶିଳାଲେଖ, ଖାମଦାନିର ପାଚେରୀ
ଭାଙ୍ଗି
ପ୍ରବେଶ କରୁଛି ଦେଖ ପାଳଭୂତ
ଛଳନାର ମାୟାବେଶରେ ପ୍ରତିଭୂତ ହେଉଛି
ଗୋଟେ ଅଳସପଣ, ଗିଳିଦେବାକୁ
ଅସହାୟ ମଣିଷମାନଙ୍କର ଭଗ୍ନବାସରେ
ସଂଚରୁଥିବା ଶୁଦ୍ଧମନ ସବୁ..□

ରାତିର ସିପାହୀ ସେମାନେ, କବ୍‌ଜା କରିପାରନ୍ତି
ସହଜ ସ୍ବପ୍ନ ଆଉ ନିରଳସ ଆତ୍ମୀୟତା
ସେଇ ଆଫ୍ରିଦିମାନେ ବୁଝିବେ ନାହିଁ
ତୁମର ଅଭିମାନ ଆଉ ଅବିରତ କାବ୍ୟାତ୍ମା
ତୁମର ରକ୍ତକ୍ଷରଣରେ ସେମାନେ ହୁଏତ
ମନାଇପାରନ୍ତି ଔଦ୍ଧତ୍ୟର ପିଶାଚ ପର୍ବାଣୀ...□

ତୁମ ମନ କାଚପରି ନିର୍ମଳ, ଜଳସମ ତରଳ
ଭଗ୍ନଗୃହର କବାଟ ତଳେ ତୁମେ କେତେ
ସ୍ବପ୍ନ ଦେଖିଛ; ରମ୍ୟ ନିଶୀଥର ଯାଦୁରେ
ତୀବ୍ର କରିବାକୁ ତୁମର ରକ୍ତ ସଂଚାଳନ
ଚନ୍ଦ୍ରକୁ ଧାର ମାଗୁଛ ଆଲୋକଲ୍ ତା'ର
ଆଲୁଅରେ ଔଜଲ୍ୟ କରିବାକୁ, ଏ ପୃଥିବୀରେ
ତୁମେ ଶିରାପ୍ରଶିତା ରକ୍ତସ୍ବେଦକୁ ଏକତ୍ର କରିଛ
ମଣିଷ ଦେହରେ ପିଆଇବାକୁ ସୁଖବୋଧ... □

ହେଇ ଦେଖ !

ତୁମର ଅନ୍ତଃଜ୍ବାଳାରେ ଦଗ୍‌ଧୀଭୂତ
ହୋଇସାରିଲାଣି
ଗୋଟେ କପଟର କୌଶଳ, କାରନାମା
ତୁମ ସଦିଚ୍ଛାର ସଂକଳ୍ପକୁ ଶୁଭ ଦେବାକୁ
ରାଜି ହେଲାଣି ଚନ୍ଦ୍ରାଲୋକ □

ଧୂର୍ତ୍ତ ଆଉ କ୍ରୁର ଚରିତ୍ରମାନେ ପଶିପାରିବେନି
ଆଉ
ତୁମ ଦେଶ, ପ୍ରଦେଶ କି ଗାଁ ମୁଣ୍ଡରେ
ଭଗ୍ନଗୃହରେ ରଚାଯାଇଥିବା ଜାତିପ୍ରାଣ ଆଉ
ସଂହତି ପଥରେ କେବେ ଆସିବନି ଅବରୋଧ;
ଯେବେ ଯାଏଁ ଧାର ଧାର ଆଲୁଅ ହୋଇ
ଚନ୍ଦ୍ର ବିରାଜମାନ କରୁଥିବ ଭଗ୍ନଗୃହେ... □



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ବୋଉ



ଅନୁପମ ବେହେରା

ନୀରବରେ ଲୁହ ଗଡାଏ ସେ ଖାଲି,
କାହାକୁ କହେନା କିଛି ।
ସେ ବୋଧେ କିଛି ନେଇ ଜାଣିନି,
ଖାଲି ହସି ହସି ବାଣ୍ଟୁଛି □ ।୧ ।

ସବୁରି ଯତ୍ନ ନେଉ ନେଉ,
ନିଜେ ହୋଇଯାଏ ଅଣଦେଖା ।
ସେ ମୁଣ୍ଡରେ ଥରେ ହାତ ରଖିଦେଲେ,
ସଫଳତା ମିଳିବାଟା ପକ୍କା □ ।୨ ।

ଆଖିର ଭାଷାକୁ ବୁଝିପାରେ ସେ,
ଶୁଣିପାରେ ମନକଥା ।
ତା ଭଳି ଜଣେ ଏଇ ଦୁନିଆରେ,
ଅସମ୍ଭବ ମିଳିବାଟା □ ।୩ ।

ତା'ରି ଦେହର ଅଂଶଟିଏ ମୁଁ,
ଗୋଟେ ଆତ୍ମା ଦେହ ଭିନ୍ନ ।
ତା' ଆଶୀର୍ବାଦ କେବେ ବୃଥା ଯାଏନାହିଁ,
ସେ ସାକ୍ଷାତ ଭଗବାନ □ ।୪ ।

କାଖ କରି ମୋତେ ଚିହ୍ନେଇଦେଇଛି,
ସେ ସରଗର ଶଶୀ ।
ସାରା ପୃଥିବୀରେ ଗୋଟିଏ ମଣିଷ,
ଅନ୍ୟ ଖୁସିରେ ହୁଏ ସେ ଖୁସି □ ।୫ ।

ତା' କୋଳରେ ମୁଣ୍ଡ ଦେଇ ଶୋଇଗଲେ,
ସବୁ ଚିନ୍ତାଯାଏ ଉଭେଇ ।
କିଛି ଭୟ ଜମା ରହେନାହିଁ,
ସେ ପଣତରେ ଦେଲେ ଘୋଡେଇ □ ।୬
।

ତା' ମିଠାଗାଳିରେ ଛୁପାଥାଏ,
କେତେ ସେନେହ ଆଦର ।
ଜୀବନ ଦେଇ ବି ସୁଝିହେବନାହିଁ,
ଋଣ ତା' ଭଲପାଇବାର □ ।୭ ।

ଯେତେ ଲେଖିଲେ ବି ତା' ବିଷୟରେ,


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# କାକୁଧରଙ୍କ ନିଜକଥା



ଅରବିନ୍ଦ ଆଗୁର୍ଯ୍ୟ



ଧାରାବାହିକ କାହାଣୀ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ବାବୁଭାଇଙ୍କ ନିଜ କଥା



ଅରବିନ୍ଦ ଆଚାର୍ଯ୍ୟ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସକାଳୁ ସକାଳୁ ଢେର କାମ ଲାଗିଥାଏ । ମୁଣ୍ଡପୋତି ମୁଁ କାମରେ ଲାଗିଥାଏ । ଅଫିସ ଭିତରେ ସମସ୍ତେ ପ୍ରାୟ ନିରବ । କେବଳ ଫ୍ୟାନ୍ ଗୁଡ଼ିକର ଘର୍ ଘର୍ ଶବ୍ଦ ଯାହା ନିରବତା ଭଙ୍ଗ କରୁଥାଏ । ଆରପଟ ରୁମରୁ ପତିବାବୁ ଆସିଲେ । ମୋ ପାଖ ଚେୟାରରେ ବସିଲେ । ମୁଁ ମୁଣ୍ଡଟେକି ତାଙ୍କୁ ଚାହିଁଲି । 'ଚାଲୁ ଚାଲୁ... ନୂଆ ନୂଆ ଖୁବ୍ ଆଗ୍ରହ ଲାଗିବ କାମ କରିବାକୁ ।' ତାଙ୍କ କଥା ମୋତେ ହସିବାକୁ ବାଧକଲା । ମୁଁ ପେନ୍‌ଟା ଛାଡ଼ିଦେଇ ଘଣ୍ଟାକୁ ଦେଖିଲି । ଛୁଟି ନେବା ସମୟ । 'ଆରେ, ଏତେ ସମୟ ହେଇଗଲାଣି !' ମୁଁ ଅଜାଣତରେ କହିଉଠିଲି । ପତିବାବୁ ହସିଲେ, 'ଆମେ ବି ନୂଆ ନୂଆ ଏମିତି ଜାଣି ପାରୁନଥିଲୁ । ବୁଝିଲ ।'

ମୁଁ ଟେବୁଲ୍ ସଜାଡ଼ି ଘରକୁ ଯିବାକୁ ବାହାରିଲି ପତିବାବୁଙ୍କ ସାଙ୍ଗରେ । ବାଟରେ କଥାବାର୍ତ୍ତା ହେଲା । ମଝିରେ ପତିବାବୁ ପଚାରିଲେ, 'ଘରକୁ ଚିଠିପତ୍ର ଦେଲେଣି, ଜଣେଇଲେଣି ଯେ ଏଠି କେମିତି ଅଛନ୍ତି ?' ମୁଁ ମୁଣ୍ଡ ଟୁଙ୍ଗାରି ହଁ ବୋଲି ଜଣାଇଲି । ଆମେ ବାରନ୍ଦା ଉପରକୁ ଉଠୁଥିଲୁ, ଆମ ଘରବାଲା ମୋତେ ଦେଖି ଡାକିଲେ, ମୁଁ ପାଖକୁ ଗଲାପରେ ମୋ ହାତକୁ ଗୋଟିଏ ଚିଠି ବଢ଼େଇଦେଇ କହିଲେ, 'ଏଇଟା ଆଜି ଆସିଲା, ମୋ ମାର୍ଫତରେ, ନିଅନ୍ତୁ ।'

ଚିଠିଟି ଘରୁ ଆସିଥିଲା । ବାବା ଓ ମା ଦେଇଥିଲେ । ବାବାଙ୍କର ବଦଳି ହୋଇଥିଲା । ସେମାନେ ନୂଆ ଜାଗାରେ ଯାଇ ରହିଲେଣି । ମୋତେ ଖବର ଦେଇଥିଲେ ଯେ ମୁଁ ଗଲାବେଳେ ପୁରୁଣା ଘର ଦେଇ ଯିବି, ସେଠାରେ କିଛି ଜିନିଷ ରହିଯାଇଛି ଯାହା ମୋତେ ନେଇ ଯିବାକୁ ପଡ଼ିବ । ମୁଁ ଉତ୍ତର ଦେଇ ଲେଖିଥିଲି ଯେ ଆସନ୍ତା ଛୁଟିଦିନରେ ଗଲାବେଳେ ନିଶ୍ଚୟ ସେଇ ପୁରୁଣା ଘର ଦେଇ ଯିବି ।

ଏହା ସବୁପରେ ଚାରିଦିନ ପରେ କୁନିଠୁ ଗୋଟିଏ ଚିଠି ପାଇଲି । ବୋଧହୁଏ ସବୁଠାରୁ ସୁନ୍ଦର ଚିଠି ଥିଲା ଏହା ମୋ ଜୀବନର । ଯେଉଁଥିରେ ସେ ଖୁବ୍ ଖୁସିରେ ଲେଖିଥିଲା;

ପୂଜ୍ୟ ବାବୁଭାଇ,

ଟିକି ଭଉଣୀର ପ୍ରଣାମ ସୁଦୂରରୁ ଗ୍ରହଣ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

କରିବ କି ନାହିଁ ଜାଣେନା । ତଥାପି ପ୍ରଣାମ ଜଣାଉଛି । ସେଦିନ ମୁଁ କଲେଜରୁ ଫେରିବାବେଳକୁ ମୋତେ ଆମ କୁନା, ଲୁନା ଆଉ ମିନି ଆଦି ଚିଡ଼େଇବାରେ ଲାଗିଲେ, ସମସ୍ତେ ମୋତେ 'ଚୁପ୍ ଚାପ୍' ବୋଲି କହୁଥାନ୍ତି । ମୁଁ କିଛି ବୁଝିପାରିଲି ନାହିଁ । ଶେଷରେ ଖୁଡ଼ି ମୋତେ ତୁମ ଚିଠିଟି ଦେଲେ । ମୁଁ ଖୁବ୍ ଖୁସି ହୋଇଗଲି । ସତରେ ବାବୁଭାଇ ମୁଁ ଭାବିନଥିଲି ତୁମେ ମୋ ପାଖକୁ ଚିଠି ଦେଇଛ ବୋଲି । ଆହୁରି ଖୁସି ଲାଗିଲା ଯେ ଖୁଡ଼ି ଖରାପ ନ ଭାବି ଖୁସି ହୋଇଛନ୍ତି ଦେଖି । ତୁମେ ମୋତେ ଏମିତି କଣ ନାଁଟେ ଦେଲ! ମୁଁ କଣ ଚୁପ୍ ଚାପ୍ । ହଉ, ଆଜିଠୁଁ ମୁଁ ଜମା ଚୁପ୍ ଚାପ୍ ରହିବିନି । ଆଚ୍ଛା ଭଦ୍ରଲୋକ ତୁମେ କ'ଣ ମୋ ସହ କଥା କହିଥିଲ କି ? ତୁମେ କ'ଣ ଏଠି ଥିଲାବେଳେ ତୁମ ପାଟି ଫିଟୁନଥିଲା, କଣ ଜଡ଼ା ହୋଇଯାଇଥିଲ ! ତୁମେ ତ ମୋତେ କଥା କହିନ, ମୁଁ କେମିତି ତୁମକୁ କଥା କହିଥାନ୍ତି ଯେ ? ଏଥର କିନ୍ତୁ ଦେଖାହେଲେ ମୁଁ ଆଉ ଚୁପ୍ ଚାପ୍ ରହିବିନି, କଥା କହିବି । ପୂର୍ବର ଚିଠିରେ ମୁଁ କଣ ନାହିଁ କଣ ଲେଖି ଦେଇଥିଲି । ମୋତେ କ୍ଷମା ଦେବ । ମୁଁ ପ୍ରକୃତରେ ବହୁତ ଭୁଲ କରିଛି । ଯଦି କ୍ଷମା ନ ଦେବ, ଦେଖାହେଲେ ମୁଁ ଆଗ ମୋ ଗାଲ ଦି'ଟା ଦେଖେଇ ଦେବି । ମନ ଇଚ୍ଛା ଯେତେ ଚାପୁଡ଼ା ମାରିବ । ତୁମେ ଓ ପରେ ପରେ ମଉସା ମାଉସୀ ଗଲାପରେ ଏଠି ଜମା ଭଲ ଲାଗୁନି । ତୁମେ ପରା ମୋ ସହ ପରୀକ୍ଷା ଦେଉଥିଲ? ଦେବ ନା ନାହିଁ ? ଆମର ଟେଷ୍ଟ ପରୀକ୍ଷା ଏବେ ହେବ । ପରୀକ୍ଷାପରେ ମୁଁ ଆମ ଗାଁକୁ ବାପାଙ୍କ ପାଖକୁ ପଳାଇବି । ତେଣୁ ଯଦି ଚିଠି ଦିଅ, ଆମ ଘର ଠିକଣାରେ ଦେବ । ତଳେ ଠିକଣା ଲେଖି ଦେଇଛି । ଚିଠି ଦେବି ଦେବି ବୋଲି ଡେରି ହୋଇଗଲା । ମୁଁ ବି ବହୁତ ଚିଠି ଦେଇଥିଲି, ଏଇ ଅଳ୍ପଦିନରେ ଦି'ଟା ଚିଠି । ଅତିଟା ଖରାପ । ହେଉ ରହିଲି ।

ତୁମ ଟିକି ଭଉଣୀ

'କୁନୀ'

ମୁଁ ଚିଠିର ଉତ୍ତର ପଠାଇଲି ତା'ର ଘର ଠିକଣାରେ । ତା'ପରେ ଅନେକ ଦିନପରେ ମୁଁ ପୁଣି ତା'ଠୁଁ ଆଉ ଗୋଟିଏ ଚିଠି ପାଇଲି ।



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଯେଉଁଟା କି ମୋର ଚିରସ୍ମରଣୀୟ ହୋଇ ରହିବ । ସେ ଲେଖିଥିଲା ପ୍ରାୟ ୪/୫ ପୃଷ୍ଠା ବଡ଼ କାଗଜରେ । ତା'ର ସାରାଂଶ ଯାହାଥିଲା;

ପୂଜ୍ୟ ବାବୁଭାଇ,

ତୁମ ଆଦରର ଟିକି ଭଉଣୀକୁ କ୍ଷମା ଦେବ । କିପରି ଭାବରେ ଲେଖିବି କିଛି ଜାଣିପାରୁନି । ତଥାପି ଲେଖୁଛି । ତୁମେ ଯେଉଁ ଚିଠିଟି ଆମ ଘର ଠିକଣାରେ ପଠାଇଥିଲ, ସେଇଟିକୁ ଆମ ଦେଇ ପାଇଲା । ମୁଁ ସେତେବେଳେ ଘରକୁ ଯାଇନଥାଏ । ମୁଁ ଅବଶ୍ୟ ଦେଇକୁ ତୁମ କଥା କହିଛି । ସେ କିଛି ଖରାପ ଭାବିନାହିଁ । ଆମ ଘରେ ମଧ ମା'କିଛି ଖରାପ ଭାବିନାହିଁ । କିନ୍ତୁ ଦେଇ ଓ ମା' କହିଲେ ଯେ, ଚିଠିପତ୍ର ଦେବାନେବାରେ କଣ କେବଳ ସମ୍ବନ୍ଧ ରହେ ନ ହେଲେ ନାହିଁ । ତୁମେ ଦି'ଜଣ ଭାଇଭଉଣୀ ହୋଇ ରହ, କିନ୍ତୁ ଚିଠିପତ୍ର ଦେବାଟା ଠିକ୍ ନୁହେଁ । କାରଣ ଆଜିକାଲି ସମାଜରେ ଏଟା ବିରୋଧାତ୍ମକତା ଉଦ୍ରେକକାରୀ କାର୍ଯ୍ୟ । ମୁଁ ତୁମ ପାଖକୁ ସିନା ଏ ଚିଠି ଲେଖୁଛି, କିନ୍ତୁ ମୋ ଆଖିରୁ ଯେଉଁ ଲୁହ ବହିଯାଉଛି ତାକୁ ମୁଁ ପୋଛି ପାରୁନି । ସତରେ ବାବୁଭାଇ ଦୁନିଆରେ କେତେ ଆବିଳତା ପୂରି ରହିଛି । ସମସ୍ତେ କେତେ ସନ୍ଦେହୀ ନୁହେଁ ? ମୁଁ କେତେ ଭାବୁଥିଲି ଯେ ଆମ ଭିତରେ ଭାଇ-ଭଉଣୀର ସମ୍ପର୍କ ସୁଦୃଢ଼ ହେଉ । କେହି ଆମ ସମ୍ପର୍କକୁ ଖରାପ ଦୃଷ୍ଟିରେ ନ ଦେଖନ୍ତୁ । କିନ୍ତୁ ମନୁଷ୍ୟ ଯାହା ଭାବେ, କଣ ସବୁବେଳେ ତାହା ପାଏ ? ଦିନେ ଜାଣିଛ, ମୋ ମନ ଏତେ ଦୁଃଖ ହେଲା ଯେ, ମୁଁ ତୁମ କଥା ମନେ ପକାଇ ଠାକୁର ଘରେ ବସି କାନ୍ଦି ପକେଇଲି । ଠାକୁରଙ୍କୁ ଡାକୁଥିଲି- ହେ ପ୍ରଭୁ । ମୋର ଆଉ ବାବୁ ଭାଇଙ୍କ ଭିତରେ ଭାଇ-ଭଉଣୀଙ୍କ ସମ୍ପର୍କ ଦୃଢ଼ ହେଉ । ମୁଁ କେମିତି ତୁମକୁ ବୁଝେଇବି କହିଲ? ମୋ ସୁନା ଭାଇଟା ପରା, ଜମା ଦୁଃଖ କରିବନି । କଣ କହିଦେଇ କିଏ ବଡ଼ ଲୋକ ହେଇଗଲାଣି? ତୁମେ ଆଉ ମୁଁ କଣ ଏତିକି ଟିକେ କଷ୍ଟ ସହିପାରିବାନି । ମୁଁ ଜାଣିଛି, ତୁମକୁ ମୋ ଚିଠି ପଢ଼ି ବହୁତ କଷ୍ଟ ହେଉଥିବ । କିନ୍ତୁ ମୋ କଥା ବୁଝିବାକୁ ଟିକେ ଚେଷ୍ଟା କର । କଣ ଖାଲି ଚିଠିପତ୍ର ଦେଲେ ସମ୍ପର୍କ ରୁହେ, ନହେଲେ ନାହିଁ ? ପ୍ରତିବର୍ଷ ମୁଁ ତୁମ ପାଖକୁ ନୂଆବର୍ଷ ଗ୍ରୀଟିଂ କାର୍ଡ୍ ପଠେଇବି ଆଉ ରାକ୍ଷୀପୂର୍ଣ୍ଣିମା ଦିନ ରାକ୍ଷୀ । କଣ ଏଇ ଦି'ଟା ଦିନର କଥା ତୁମକୁ ଆଉ ମୋତେ ଭାଇ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଭଉଣୀ କରି ରଖିପାରିବନି । ଦୟାକରି ମୋ କଥାକୁ ଟିକେ ଗମ୍ଭୀର ଭାବରେ ଚିନ୍ତା କରିବ, ମୁଁ ଜାଣିଛି ତୁମେ ଏ ଚିଠିକୁ ଅନେକ ଥର ପଢ଼ିବ ଆଉ ମନ ଦୁଃଖ କରିବ । ମୋ ରାଣ । ମନ ଦୁଃଖ କରିବନି । ତୁମେ ସେଠି ମନ ଦୁଃଖକଲେ ଏଠି ମୋ ମନ ଦୁଃଖ ହେବ । ଘରେ ଏ କଥା ଶୁଣି ମୋ ମନର ଦୁଃଖକୁ ମୁଁ ଅନୁଭବ କରୁଛି । ତୁମେ ଆଉ ମୋ କଥାକୁ ଧରିରଖି କଷ୍ଟ ପାଇବନି । ମୁଁ ଆଉ ତୁମପାଖକୁ ଚିଠି ଦେବିନି, ତୁମେ ମଧ୍ୟ ଦେବନି । ଖାଲି ଶେଷ ଚିଠି ହିସାବରେ ଏ ଚିଠିର ଉତ୍ତର ତୁମଠୁଁ ମୁଁ ଅପେକ୍ଷା କରିଛି । ନିଶ୍ଚୟ ଚିଠି ଖଣ୍ଡେ ଦେବ । ଦେଖ ବାବୁଭାଇ, ତୁମର ସେଇ ଚୁପ୍ ଚାପ୍ ଭଉଣୀଟି ତୁମ ପାଖରେ ସବୁଦିନ ପାଇଁ ଚୁପ୍ ଚାପ୍ ହୋଇ ରହିଗଲା । ତା'ପାଟି ତୁମ ପାଖରେ ଫିଟିବା ପୂର୍ବରୁ ସବୁଦିନ ପାଇଁ ସିଲେଇ ହୋଇଗଲା । ତୁମ କଥା ସତ ହୋଇଗଲା । ମୁଁ ଆଉ ତୁମସହ କଥାବାର୍ତ୍ତା ବି କରିପାରିବି ନାହିଁ । ଆଉ କେବେ ଦେଖା ହେବ ସେୟା ମଧ୍ୟ କହି ପାରୁନି । ପ୍ଲିଜ୍ ମନ ଦୁଃଖ କରିବନି । ଚିଠି ପାଇ ଚିଠି ଦେବ । ରହିଲି, ଇତି ।

ଅଭାଗିନୀ 'କୁନୀ'

ଚିଠି ପଢୁ ପଢୁ ମୋ ଆଖିରେ ଲୁହ ଜକେଇ ଆସିଲା । ଛୋଟ ପିଲାଙ୍କ ପରି ମୁଁ କାନ୍ଦିଉଠିଲି । ଅନୁଭବ କଲି ସତେ ଯେପରି କୁନି ମୋର ସାନ ଭଉଣୀ ନ ହୋଇ ବରଂ ବଡ଼ ଭଉଣୀ ପରି ହୋଇ ମୋ ମୁଣ୍ଡରେ ହାତ ଦେଇ ମୋତେ ସାନ୍ତ୍ୱନା ଦେଉଛି । ତାର ସେ ଧିରସ୍ଥିର ମୁହଁଟି ମୋ ଆଖି ଆଗରେ ଦେଖାଗଲା । ପ୍ରକୃତରେ ମୁଁ ଅନୁଭବ କରୁଥିଲି ଯେ, ସତେ ଯେପରି ତା'ମୁହଁକୁ ମୁଁ ଖୁବ୍ ନିକଟରୁ ଦେଖୁଛି । ପ୍ରକୃତରେ ମୁଁ କଣ ତା'କୁ ଦେଖୁଥିଲି ? ନା ତ ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ତା'ମୁହଁ କୁ ଦେଖିନି । ତେବେ ଏପରି କାହିଁକି ? ଛାତି ଭିତରୁ କୋହ ଉଠୁଥାଏ । ନିଜକୁ ସମ୍ଭାଳି ପାରିଲି ନାହିଁ । ମୋ ଅଜାଣତରେ ମୋ ଆଖିରୁ ଲୁହ ବହିଚାଲିଥିଲା । ମୁହଁଟାକୁ ଟେବୁଲ୍ ଉପରେ ଥୋଇଦେଇ ମୁଁ କେତେ କଣ ଭାବିଚାଲିଲି ।

ମଣିଷ କାହିଁକି ଅନ୍ୟକୁ ଭଲପାଏ? କାହିଁକି ସିଏ 'ମୋହ'ର କୁହୁଡ଼ିକୁ ଧାଏଁ ଧରିବାକୁ? କଣ ସିଏ ଜାଣିନଥାଏ ଯେ କୁହୁଡ଼ି


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

କ୍ଷଣସ୍ଥାୟୀ? କେତେବେଳେ ଯେ ତାହା ଅପସରି ଯିବ ଆଉ ନିଜକୁ ଏକୁଟିଆ ଛାଡ଼ିଯିବ ।

ମନେ ମନେ ଚିନ୍ତାକଲି ଚିଠି ଲେଖିବିନି । ନିଜକୁ ଆୟତ୍ତାଧୀନ ରଖିବି, ଚେଷ୍ଟା କରିବି କୁନିର କଥାକୁ ହୃଦୟଙ୍ଗମ କରିବାପାଇଁ ।

ଦିନପରେ ଦିନ ଗଡ଼ି ଚାଲିଲା । ନିଜକୁ ବହୁତ ଅସହାୟ ମନେ କରୁଥିଲି । ବାରମ୍ବାର ଚିଠି ଗୁଡ଼ାକ ପଢୁଥିଲି । ଗାଲରେ ହାତଦେଇ ଭାବୁଥିଲି ଆଉ ଭିତରୁ ଆସୁଥିବା କୋହକୁ ଚାପିବାକୁ ଚେଷ୍ଟା କରୁଥିଲି । କୌଣସି କାମରେ ମନ ଲାଗୁନଥାଏ ।

ଦିନେ ଅଫିସରୁ ଫେରି ଆସି ସିଧା ଶୋଇପଡ଼ିଲି । ରାତି ଦଶଟା ପାଖାପାଖି ମୋତେ କିଏ ଜଣେ ଉଠେଇଲା । ମୁଁ ଉଠିପାରୁନଥିଲି, ଆଖି ଖୋଲି ଚାହିଁଲି । ଘରବାଲା ମୋତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ । ପାଖରେ ପତିବାବୁ ଆଉ ତାଙ୍କ ଝିଅ କୁନି । ନିଜକୁ ଦୁର୍ବଳ ମନେ କରୁଥିଲି । ଘରବାଲା କହୁଥିଲେ, 'ଆପଣଙ୍କୁ ଏତେ ପ୍ରବଳ ଜ୍ବର, ଅଥଚ ଆମକୁ କିଛି ଜଣେଇ ନାହାନ୍ତି..'

'ନାଇଁ... ମୋତେ କିଛି ହୋଇ ନି...' କହି ମୁଁ କଥାକୁ ଏଡ଼ାଇ ଦେବାକୁ ଚାହୁଁଥିଲି, କିନ୍ତୁ ମୋତେ କୁନି କଥା ବାରମ୍ବାର ମନେ ପଡୁଥିଲା, ଆଉ ପତିବାବୁଙ୍କ ଝିଅର ମୁହଁକୁ ଚାହିଁ ଦେବାପରେ କୋହ ସମ୍ଭାଳି ପାରିଲି ନାହିଁ, କାନ୍ଦି ଉଠିଲି । ପତିବାବୁ ମୋ ମୁଣ୍ଡପାଖରେ ବସିପଡ଼ି କହିଲେ- 'କଣ ହୋଇଛି ଆପଣଙ୍କର ? ଯାଆନ୍ତୁ ଛୁଟି ନେଇ କିଛି ଦିନ ଘର ଆଡ଼େ ବୁଲ୍ ଆସିବେ । ଏଇ ଦୁଇଟା ବଟିକା ନେଇ ଆସିଛି ଖାଇ ଦିଅନ୍ତୁ । କିଛି ଖାଇଛନ୍ତି ନା ଅଫିସରୁ ଫେରି ଏମିତି ଶୋଇଛନ୍ତି ?'

ଘରବାଲା ମାଉସୀ ଖାଇବା ପାଇଁ ନେଇ ଆସିଥିଲେ । ଅନିଚ୍ଛାସତ୍ତ୍ୱେ କିଛି ଖାଇଦେଇ ଔଷଧ ଖାଇଲି ଆଉ ଶୋଇପଡ଼ିଲି । ଦେହ ଅବଶ ଲାଗୁଥିଲା ।

ପରଦିନ ମୁଁ ଘରକୁ ବାହାରିଲି । ପତିବାବୁ ଅଫିସର କାମ ସବୁ ନିଜେ ବୁଝିବେ ବୋଲି କହିଲେ, ମୁଁ ବସରେ ବସିଲି । ଦେହ ସାମାନ୍ୟ ସୁସ୍ଥ ଥିଲା ।

'ଆପଣଙ୍କ ଟିକେଟ୍ ହୋଇଛି ?'



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

କଣ୍ଡକ୍ଟର ପଚାରିଲା । ମୁଁ ପକେଟରୁ ଟଙ୍କା ବାହାର କରିଦେଲି । ବସର ଝରକା ଦେଇ ପଛକୁ ଧାଉଁଥିବା ଗଛଲତାଙ୍କୁ ଦେଖି ଦେଖି ମୁଁ ଶୋଇଗଲି । କିଛି ଘଣ୍ଟା ପରେ କ୍ଲିନର ଡାକରେ ମୁଁ ଚେଇଁ ଉଠିଲି । ବସରୁ ଓହ୍ଲାଇଲି । ଆଟାଚି ଧରି ପୁରୁଣା ଘର ଆଡ଼କୁ ଚାଲିଲି । ସେଇ ଘରେ କେହି ନୂଆ ଲୋକ ରହୁଥିଲେ ତେଣୁ ଜନ୍ମେଞ୍ଜୟ ବାବୁଙ୍କ ଘର ଆଡ଼କୁ ଗଲି । ମୋତେ ଦେଖି କୁନା, ଲୁନା ଆଉ ମିନି ଦଉଡ଼ି ଆସିଲେ । ମୁଁ କିନ୍ତୁ ଖୋଜୁଥାଏ କୁନିକୁ । ଲୁନା କହିଲା - 'କୁନି ଦେଇ ଗାଁକୁ ଯାଇଛି ।'

ମୁଁ ସତେ ଯେମିତି ତାଳଗଛରୁ ଖସି ପଡ଼ିଲି । ମୋର ଦେହର ଯନ୍ତ୍ରଣା ସେମିତି ଥିଲା । ସେ ଯାହେଉ, କେମିତି କେମିତି ରାତି ବିତାଇ ଦେଇ ପରଦିନ ସକାଳୁ ସକାଳୁ ବାପାଙ୍କ ନୂଆ ଠିକଣାରେ ବାହାରି ପଡ଼ିଲି ।

କେମିତି ଆସି ପହଞ୍ଚିଲି ଜାଣିପାରିନି । ମୋ ଅବସ୍ଥା ଦେଖି ମା' ବ୍ୟସ୍ତ ହୋଇ ପଡ଼ିଲା । ମୁଁ କିନ୍ତୁ କିଛି ବୁଝିପାରୁନଥିଲି । ମୋ ମୁଣ୍ଡ ଭିତରେ ଗୋଟେ ଘୂର୍ଣ୍ଣିବାତ୍ୟା ଚାଲିଥାଏ । ଖାଇସାରି ଶୋଇପଡ଼ିଲି । ଉପରବେଳା ଉଠିଲା ବେଳାକୁ ଟିକେ ଭଲ ଲାଗୁଥିଲା । ମୋ ଆଟାଚି ଫିଟାଇ ମା'କୁ ତା' ଦରକାରୀ ଜିନିଷ ଦେଲି । କୁନିର ପୁରୁଣା ଚିଠିଟି ମୋ ଆଖିରେ ପଡ଼ିଲା । ମା'କୁ ଦେଖେଇବା ପାଇଁ କାଢ଼ିଲି ।

ଚିଠିଟା ପଢ଼ିସାରିବା ପରେ ମା ଖାଲି, ଦୀର୍ଘଶ୍ୱାସଟେ ମାରିଦେଇ 'ହୁଁ....' କହିଲା । ଆଉ ଚିଠି ମୋ ହାତକୁ ବଢ଼େଇଦେଲା । ମୋ ମନଟା ଟିକେ ହାଲକା ଲାଗିଲା, କାହିଁକି ଜାଣିପାରିଲିନି ।

କିଛିଦିନ ନିୟମିତ ଔଷଧ ଖାଇବାପରେ ମୁଁ ପୁରାପୁରି ସୁସ୍ଥ ହୋଇଗଲି । ଛୁଟି ସରିଯାଇଥିଲା । ମୁଁ ବାଧ୍ୟ ହେଉଥିଲି ଫେରିବାପାଇଁ । ପୁରୁଷୋତ୍ତମପୁରରେ ଫେରି ଅଫିସରେ ଯୋଗଦେଲି, କୁନି ସହ ଦେଖା ହୋଇପାରିଲା ନାହିଁ ବୋଲି ମନରେ ଅବଶୋଷ ରହିଗଲା ।

କିଛି ଦିନ ପରେ ମନେ ମନେ ଚିନ୍ତାକଲି, ପାଠ ପଢ଼ାପଢ଼ିକରି ଅଧା ଛାଡ଼ିଥିଲା ପାଠଟା ସାରିଦେବି । ଏମିତି ହେଲେ ପଢ଼ାରେ ମନ ରହିବ ଆଉ ନିଜକୁ ଅସହାୟ ମନେ କରିବି ନାହିଁ । ବାକ୍ସ ଖୋଲି ପୁରୁଣା

ବସି ସବୁ କାଢ଼ିଲି । ତାକୁ ସଜଡ଼ାସଜଡ଼ି କରି ରଖିଲି । ପରୀକ୍ଷାପାଇଁ ଫର୍ମଫିଲାପ୍ ହୋଇନଥିଲା, ତେଣୁ ପଢ଼ାପଢ଼ି ପାଇଁ ପର୍ଯ୍ୟାପ୍ତ ସମୟ ପାଇଲି । ସକାଳୁ ଆଉ ସନ୍ଧ୍ୟାରେ ପାଠପଢ଼ାରେ ମନ ଦେଲି ।

ପାଠପଢ଼ାର ବ୍ୟସ୍ତତା ଭିତରେ ଅନ୍ତର କୋହଟାକୁ ଚାପିବା ପାଇଁ ସୁଯୋଗ ମିଳିଲା । ଦିନେ ରାତିରେ ଏମିତି ପଢୁ ପଢୁ ଢୁଳେଇ ପଡ଼ିଲି ।

- ବାବୁ ଭାଇ, କଣ ଶୋଇଛ, ଉଠ ।

- ଉଁ, ରହ....

- ଉଠ ! ଉଠ ! ନହେଲେ କୁତୁକୁତୁ କରିବି ।

- ହେ ! ହେ ! ଦେଖିବୁ ଏବେ ।

- ତୁମେ ଉଠୁନ କାହିଁକି ?

- ହଉ ହଉ ହେଲା, ଉଠୁଛି ।

କୁନି ମୋତେ ଉଠଉଥିଲା କୁତୁକୁତୁ କରି । ଆଉ କହୁଥିଲା;

- ଭାଇ, ତୁମେ ଏତେ ଭାବପ୍ରବଣ ହେଲେ ଚଳିବ? ମୁଁ ବହିଟାକୁ ଉଠାଇଲି ଆଉ ସିଧା ହୋଇ ବସିବାପାଇଁ ଚେଷ୍ଟା କଲି । ହଠାତ୍ ବହିଟା ହାତରୁ ଖସିପଡ଼ିଲା ।....

ପ୍ରକୃତିସ୍ଥ ହେଲାବେଳକୁ ଜାଣିଲି ଯେ ମୁଁ ସ୍ବପ୍ନ ଦେଖୁଥିଲି । ନିଜକୁ ବିଶ୍ବାସ ହେଉନଥିଲା । ମନେ ପକାଇବାକୁ ଚେଷ୍ଟା କରୁଥିଲି ତଥାପି ଜାଣିପାରୁନଥିଲି, ସ୍ବପ୍ନରେ ସୁଦ୍ଧା କୁନିର ମୁହଁ କୁ ମୁଁ ଦେଖି ପାରିନଥିଲି । ନିଜକୁ ନିଜେ ଧିକ୍କାର କରୁଥିଲି । ମନେ ମନେ ଚେଷ୍ଟା କରୁଥିଲି ଭାବିବା ପାଇଁ, ଆଉ ଚିନ୍ତା କରୁଥିଲି, ହେଉ ନ ହେଉ ସେ ବି ପତିବାବୁଙ୍କ ଝିଅ କୁନି ପରି ଗୋଲ୍ ଗୋଲ୍ ଆଖି, ଚେପଟା ନାକ୍ ଆଉ କୁଞ୍ଚୁକୁଞ୍ଚିଆ ଚୁଟି ଥିବ ନିଶ୍ଚୟ ।

କ୍ରମଶଃ...



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଅଷ୍ଟମ ବର୍ଷ, ପଞ୍ଚମ ସଂଖ୍ୟା
ଜୁନ୍ ୨୦୧୩



# ସପନ



ସରୋଜ ମିଶ୍ର

ସ୍ବପ୍ନ ଲାଗେ ଏ ଜୀବନ
ଜୀବନରେ ସ୍ବପ୍ନସବୁ
ଝୁଲୁଥାନ୍ତି ପେଣ୍ଡା ପେଣ୍ଡା
ଫୁଟି ପୁଣି ଝଡ଼ିବାକୁ
ସ୍ବପ୍ନ ଆଶା ବଡ଼ ନିଶା
ଶିଖାଏ ଜୀବନ ଭାଷା
ମୃତ୍ୟୁଯାଏଁ ବାସିବାକୁ
ଶବର ବି ସ୍ବପ୍ନ ଅଛି ଜୁଇପରେ ଚଢ଼ିବାକୁ ।୧
।

ଜୀବନ ପଥର ଦାଢ଼େ
ସ୍ବପ୍ନ ଆସେ ସ୍ବପ୍ନ ଛିଡ଼େ
କେ ବସିଛି ମାପିବାକୁ
ସମୟ ଟାଣେ ଆଗକୁ
ପଛକଥା ଭୁଲିବାକୁ
ବାଜି ବାଜି ବଜ୍ରପରି
ଟାଣ ହୋଇ ଲଢ଼ିବାକୁ
ବଜ୍ରର ବି ସ୍ବପ୍ନ ଅଛି ଜାଳି ପୋଡ଼ି ମାରିବାକୁ
।୨ ।

ଛକା-ପଞ୍ଝା ଜୀବନରେ
ସ୍ବପ୍ନ ବଞ୍ଚିବା ଖୁରାକ
ଦିବାସ୍ବପ୍ନ ଜଳଜଳ
ସ୍ବପ୍ନ ଭବିଷ୍ୟତ ଫଳ
ସ୍ବପ୍ନ ନାହିଁ କିଛି ନାହିଁ
ଆଖିଥାଇ ଅନ୍ଧପରି
ଅନ୍ଧର ବି ସ୍ବପ୍ନ ଅଛି ଆଲୋକକୁ ଦେଖିବାକୁ
।୩ ।

ଜୀବନ ଭଙ୍ଗା ଶଗଡ଼େ
ଦୁଃଖ-ସୁଖ ବୋଝ ଲଦା
ଇଚ୍ଛାର ଫଟୋ ତଲେଇ
ଘୋଡ଼େଇ ଧରିଛି ଦେଖ
ସ୍ବପ୍ନ ହାଟେ ବିକିବାକୁ
ପଛରେ ଝୁଲେ ଲଣ୍ଠନ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ତିନୋଟି କ୍ଷୁଦ୍ର କିନ୍ତୁ ସତ୍ୟ କବିତା

## ବାପାର ହୃଦୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଧନ ତୁ ଦେଲେ ମୁଁ ବଞ୍ଚିବି, ସେ ଆଶା ରଖୁନି
ସଙ୍ଖାଳିଲେ ତୁ ଏକା ବଞ୍ଚିବି ତାହା ବି ଚାହୁଁନି
ଧନସଙ୍ଖାଳି ବୋଲି ତଥାପି କହିବି ମୁଁ ତୋତେ
ଜାଣିଛି ବୃଦ୍ଧକାଳେ ଛାଡ଼ିଯିବୁ (ତୁ) ଏକାକରି ମୋତେ... ।୧ ।

ସେଥିପାଇଁ ମୁଁ ତୋତେ ଦେବି ନାହିଁ ଦୋଷ
ଜାଣିଛି ତୁ ପେଟପାଇଁ ଧାଉଁଥିବୁ ଦେଶ କି ବିଦେଶ...
ମୁଣ୍ଡ ଟା ଦେଇଥିବୁ ବିକି ପାଇବାକୁ ଧନରତ୍ନ ଚାକର ବାକର
ଆଣୁଥିବୁ ଘରକୁ ତୋ, ଖାଇବେ ବୋଲି ସ୍ତ୍ରୀ ପିଲା ତୋର... ।୨ ।

କାଳେ କେବେ ଯଦି ଆସିବୁ ମନେ ତୁ ପକାଇ
ବାପା ବୋଲି ପଦେ କହିଦେଲେ ସ୍ବର୍ଗଯିବି ପାଇ
ଆଉ କିଛି ଆଶା ତୋ ପାଖରେ ରଖିବିନି ମୁହିଁ
ଜାଣିଛି, ଛାଡ଼ିଛୁ ତୁ ଗାଁ ମାଟି ପେଟପାଟଣାର ପାଇଁ... ।୩ ।

ଯୁଗ ଅନୁସାରେ ଏ ସମୟ ସଂସାର ବି ବଦଳି ଯାଉଛି
ଜନ୍ମ ଦେଇଛି ବୋଲି ପ୍ରତିଦାନ ମାଗୁନାହିଁ କିଛି
ଅଲୋଡ଼ା ବଳଦ ପରି ଜୀବନଟା ଯାଉ ମୋର ବିତି
ଧାଉଁଥିବି ବଳଥିବାଯାଏଁ, (ତୋ) ଭଲପାଇଁ ପ୍ରାର୍ଥନା କରୁଥିବି ନିତି... ।୪ ।



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

## ମା ମନ କଥା

ଜନମ ଦେଇଥିଲି କରମ ତ ତୁ ଆଣିଲୁରେ ନିଜେ
ଦୂର ବିଦେଶରେ ଘର କରିଛୁ ଧନ ଭୁଲିବୁନି ମୋତେ
ଭଲ ରେ ଥା'ତୁ ଯେ ଦେଶେ ରହିଅଛୁ ତୁହି
ତୋ ଶୁଭ ମନାସି ମୋର ରାତି ଦିନ ଯାଏ ପାହି... ।୧ ।

ଜାଣିଛି ତୁ ବ୍ୟସ୍ତ ଥିବୁ କେତେ କାମ କେତେ ଜଞ୍ଜାଳରେ
ବାପ ନାମ କରୁଥିବୁ ଥା ତୁହି ଯେଉଁ ବି ଦେଶରେ
ବଞ୍ଚିଥିଲେ ବାବୁରେ ତୁ ସତେ ମୋର ରାଜ କୁମାରଟେ ପରି
ତୋ ସୁନାମ ପାଇଁ ଗର୍ବରେ ଆମ ଛାତି ଯାଏ ଫୁଲି... ।୨ ।

ଆଉ କିଛି ଆଶା ବାବୁ ତୋ'ଠାରୁ କରୁନାହିଁ ମନ
ତୋ ବାପା ସାଥିରେ ଥିଲେ ସେଇ ମୋ' ଜୀବନ
ଆମେ ବୁଢ଼ାବୁଢ଼ୀ ବଞ୍ଚିବୁ ତୁମ ବାଟ ଚାହିଁ
କାଳେ କେବେ ଆସିବୁ ତୁ ନାତିନାତୁଣୀଙ୍କୁ ନେଇ... ।୩ ।

ତୋ ସ୍ମୃତିରେ ସବୁ ହଜିଯାଏ ଆମ ଦେହ ମନର ଏ ବ୍ୟଥା
ମିଠା ଏବେ ବି ଲାଗୁଛି ଭାବିଲେ ତୋ ପିଲାଦିନ, ଦରୋଟି ସେ କଥା
(ତୁ) ଦୁଃଖ କରିବୁନି ଆସିପାରିବୁନି ବୋଲି ମୋତେ ଦେଖିବାକୁ
ଜାଣିଛି ମୁଁ ତୁ ବନ୍ଦୀ ଜଞ୍ଜାଳରେ, ସେଲାଗି ରଖିଛି ସାଇତି ତୋରି ସ୍ମୃତିକୁ... ।୪ ।

## ପୁଅର ମନକଥା


ଆସିବି ଆସିବି ବୋଲି ସବୁବେଳେ କରୁଛି ଯୋଜନା
ହେଲେ ବୋଉ ମୋ ଦରଖାସ୍ତ ଅଫିସରେ ହେଉନାହିଁ ଘେନା,
ଭଲ ଲାଗୁନି (ମୋତେ) କେତେଦିନ ହେଲା ଦେଖିନି ତୋ ମୁହଁ
ବାପା କହୁଥିଲେ ତୋର କାଳେ ଆଜିକାଲି ଭଲରହୁନାହିଁ ଦେହ... ।୧ ।

ବାପା ଜାଣିଛନ୍ତି କେତେ ଜଞ୍ଜାଳ ଏ ଚାକିରୀ ବେଉସା କଥା
ପାଠପଢ଼ି ପେଟପାଟଣାର ପାଇଁ ବନ୍ଧା ଦେଇଛି ମୁଁ ମଥା
ବାପା ବି ଧାଉଁଥିଲେ ଦିନେ ଆମ ସମସ୍ତଙ୍କ ଭଲମନ୍ଦ ପାଇଁ
ଧାଉଁଛି ଦିନରାତି ସଭିଁଙ୍କ ପାଇଁ ଏବେ ମୁଁ ସେ ସ୍ଥାନରେ ରହି ... ।୨ ।

ବାପାଙ୍କର ଦେହକୁ ଦେଖିବାକୁ କେହି ତ ପାଖରେ ନାହାନ୍ତି
ଚାକିରୀ ବେଉସା ନ ଥିଲେ ଭାବୁଥିଲି ମୁଁ ବୁଝି ଆସନ୍ତି
ମାମୁଁଙ୍କୁ କହିଛି ସେ ଯାଇ ଠିକ୍ କରିଦେବେ କମ୍ପ୍ୟୁଟରକୁ
ତା'ପରେ ଘରେ ବସିଲୋ ବୋଉ ଦେଖିବୁ ତୋ ନାତିକୁ... ।୩ ।

ଭାବିଛି ଦଶହରା ବେଳକୁ ଆସିବି, ଛୁଟି କିଛି ଥିବ
ତୋ ନାତି ନିଇତି କହୁଛି ମୋତେ ସେ ତୋତେ ଦେଖିବ
ବିଦେଶମାଟିରେ ଲୋ ବୋଉ ଏଠି ସମ୍ପର୍କଠୁ ବଡ଼ ଧନ
ତୋ ହାତରନ୍ଧା ଖାଇବାକୁ ଟିକେ ସବୁବେଳେ ହୁଏ ମନ... ।୪ ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ






ପ୍ରଶାନ୍ତ କୁମାର ଭୂୟାଁ

( ପୂର୍ବ ପ୍ରକାଶିତ ଉତ୍ତାରୁ )

ରଚନା – ମେ ୨୦୧୧

ଆମ୍ଭେମାନେ ଶୁଣି ଆସିଅଛୁ କଥା କାହାଣୀର ରାଜା ଓ ରାଣୀ ଆଉ ସେମାନଙ୍କର ବିଳାସ ବ୍ୟସନ । ପଢ଼ି ଆସିଅଛୁ ସପନ ରାଇଜର ରାଜକୁମାର ଧଳା ଘୋଡ଼ା ଚଢ଼ି କିପରି ଆସେ ସୁନାନାକୀ ସେଇ ଗୋଟିଏ ଚାଉଳରେ ଗଢ଼ା ରାଜକୁମାରୀକୁ ଉଦ୍ଧାର କରିବାକୁ ବୁଢ଼ୀ ଅସୁରୁଣୀର ସେଇ ଗମ୍ଭିରୀ ଘରୁ । ଆଉ ବୁଝିଅଛୁ ପିଲାଦିନେ ଶୁଣିଥିବା ପରୀରାଇଜର କାହାଣୀ ଆଉ ଏଇମିତି କେତେକଣ ଅଦ୍ଭୁତ ଖିଆଲୀ କଥା ସବୁ । କେତେ ସତ ଲାଗେ ଆଉ କେତେ ମିଛ, କେତେ ଅଦ୍ଭୁତ ଲାଗେ ଆଉ କେତେ ନିଛକ ସତ । ସତସତିକିଆ ରାଜା ବି ଥାଆନ୍ତି ଆଉ ସେମାନଙ୍କ କଳ୍ପନା ବିଳାସର କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ଆଉ ଖୁସିବି ହୁଏ ମନଟା । ମନେ ହୁଏ ଏହି ରାଜା ମହାରାଜାଙ୍କ ଜୀବନ ଶୈଳୀ ଦେଖିବାକୁ ଆଉ ଜାଣିବାକୁ ।

ଏହି ଭଳି ଜଣେ ଖିଆଲି ଆଉ ବିଳାସ ବ୍ୟସନରେ ନିଜକୁ ହଜାଇ ରଖିଥିବା ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି ଥିଲେ ସାର୍ ହେନେରୀ ପେଲେଟ୍ । ସେ ଥିଲେ ଗୋଟିଏ କିଲାର ମାଲିକ, ଯାହାର ନାମ ଥିଲା “କାସା ଲୋମା” । ଆଜି ଆସନ୍ତୁ ଆପଣଙ୍କୁ ଶୁଣାଇବି ମୋର ଅଭିଜ୍ଞତା ସେଇ କଳ୍ପନା ବିଳାସ ରାଜକିଲା “କାସା ଲୋମା” ଭିତରର ।


ସପ୍ତାହାନ୍ତରେ କେଉଁଆଡ଼େ ବୁଲିଯିବି ଭାବି ଇଣ୍ଟର୍‌ନେଟ୍‌ରେ ଘାଣ୍ଟିବାରେ ଲାଗିଲି ବହୁତ ଗୁଡ଼ିଏ ଦର୍ଶନୀୟ ସ୍ଥାନ ବିଷୟରେ । ହଠାତ୍ ନଜର ପଡ଼ିଲା ଏହି କାସାଲୋମା କିଲା ଉପରେ । ଇଉରୋପୀୟାନ୍ ଶୈଳୀରେ ନିର୍ମିତ ଏଇ ସୁଉଚ୍ଚ କିଲାଟି ଅତୀବ ମନୋହର ଆଉ ଐତିହାସିକ ବୋଲି ସେଠାରେ ଲେଖା ଯାଇଥିଲା । ଏହି କିଲା ବିଷୟରେ ଆହୁରି ମଧ୍ୟ ଲେଖା ଯାଇଥିଲା ଯେ...

ଏହାର ମାଲିକ ଥିଲେ ସେତେବେଳକାର ବିଖ୍ୟାତ ଶିଳ୍ପପତି ଆଉ

ଶ୍ରେଷ୍ଠ ଅର୍ଥନିତୀଙ୍କ ସାର୍ ହେନେରୀ ପେଲାଟ୍ । ୯୮ କୋଠରୀ ବିଶିଷ୍ଟ, ଏହି କିଲାଟି ଅତି ଭବ୍ୟ ଆଉ ଏଠି ରହିଅଛି ସୁନ୍ଦର ସୁସଜ୍ଜିତ କୋଠରୀ ସବୁ । କିଲା ତଳେ ୮୦୦ ଫୁଟ ଲମ୍ବାର ଗୁପ୍ତ ସୁଡ଼ଙ୍ଗ ସବୁ ରହିଅଛି । ଏହି କିଲା ମଧରେ ଆହୁରି ଅଛି ଘୋଡ଼ାଶାଳ, ୫ଏକର ବିଶିଷ୍ଟ ସୁନ୍ଦର ବଗିଚାଟିଏ ।

ଏହି ସବୁ ବିଷୟ ପଢ଼ିଲା ପରେ ଆଉ କିଏ ମୋତେ ସମ୍ଭାଳେ ! ବାସ୍ ସେଠାକୁ ଯିବାକୁ ପ୍ରସ୍ତୁତ ହୋଇଗଲି । ରବିବାର ଦିନ ସକାଳେ ମୋ ଘର ଠାରୁ ବସ୍‌ରେ ପେପ୍ ଷ୍ଟେସନ୍ ଆଉ ସେଠାରୁ ବ୍ଲୁର୍ - ୟଂଗ୍ ଷ୍ଟେସନ ଦେଇ ଡ୍ୟୁପଂଟ୍ ଷ୍ଟେସନ୍‌ରେ ଓହ୍ଲାଇ ପଡ଼ିଲି । ସେଠାରୁ ୫ମିନିଟ୍ ଚାଲି ପହଞ୍ଚିଲି ବାଲ୍‌ଡ଼ୱିନ୍ ଷ୍ଟେପ୍ ନିକଟରେ ଯାହା କାସାଲୋମା ଥିବା ପାହାଡ଼ର ପାଦଦେଶରେ ଥିଲା । ୧୧୦ ପାହାଚ ଚଢ଼ି ପହଞ୍ଚିଲି କାସାଲୋମାର ପଶ୍ଚିମ ଦ୍ୱାର ଦେଶ ନିକଟରେ । ସେଠାରୁ ପଛକୁ ବୁଲି ଦେଖିଲି ଅନତି ଦୂରରୁ ଟରୋଣ୍ଟୋ ସହରର ମୁଖ୍ୟ ବାଣିଜ୍ୟ କେନ୍ଦ୍ରରେ ଥିବା ସି. ଏନ୍. ଟାୱାର୍‌କୁ । ଦିନର ଉଜ୍ଜଳ ଆଲୁଅରେ ସବୁ କିଛି ଅତି ସୁନ୍ଦର ଦେଖା ଯାଉଥିଲା ।

ଆଉ କେତେ ପହଣ୍ଡ ଚାଲି କାସାଲୋମାର ମୁଖ୍ୟଦ୍ୱାର ନିକଟରେ ପହଞ୍ଚିଲୁ ଆମେ ଦମ୍ପତି ଯୁଗଳ । ସେଠାରେ ଉପଯୁକ୍ତ ପ୍ରବେଶ ପତ୍ର ଦେଇ କାସାଲୋମାର ବୈଠକ ଗୃହରେ ପାଦ ଥୋଇଲୁ । ସେଠାକାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବକ ସବୁ ବହୁତ ଭଦ୍ରୋଚିତ ବ୍ୟବହାର ସମସ୍ତ ଅତିଥିଙ୍କ ସହ କରୁଥିଲେ । ପଚାରି ବୁଝିଲି ଯେ ଏହି କିଲାଟିକୁ ଆମେ ନିଜେ ବୁଲି ଦେଖିବୁ ଆଉ ସେମାନେ ଆମକୁ ଗୋଟିଏ ଶ୍ରବଣ ଯନ୍ତ୍ର ଦେବେ ଯାହା ଆମକୁ କାସାଲୋମାର ସବୁ




କାସାଲୋମାର ପରିପାର୍ଶ୍ୱରେ ଥିବା ମନୋହର ଉଦ୍ୟାନ ଗୁଡ଼ିକର ଦୃଶ୍ୟ

ତଥ୍ୟ ଶୁଣାଇବାରେ ସହାୟକ ହେବ । ଆଉ କାସାଲୋମାର ଜଣେ ସ୍ୱେଚ୍ଛାସେବକ ଜଣେ ଆମ ହାତରେ କିଛି ତଥ୍ୟ ସମ୍ବଳିତ ପୁସ୍ତିକାଟିଏ ଦେଲେ । ସେଥିରେ କାସାଲୋମାର ଇତିହାସ ସହ ବହୁତ କିଛି ତଥ୍ୟ ବର୍ଣ୍ଣନା କରାଯାଇଥିଲା । ଏହି ଶ୍ରବଣ ସହାୟକ ଯନ୍ତ୍ର ତଥା ତଥ୍ୟ ପୁସ୍ତିକା ଆଠଟି ଭାଷାରେ ଥିଲା । ବର୍ତ୍ତମାନ ଆମେ ଆଉ ସମୟ ଅପଚୟ ନକରି, ଗୋଟିଏ ପରେ ଗୋଟିଏ କୋଠରୀକୁ ବୁଲି ଦେଖିବାରେ ଲାଗିଲୁ । ଅତି ଭବ୍ୟ ଆଉ ବିଳାସପୂର୍ଣ୍ଣ କିଲାଟିଏ । ୧୦୦ ସରିକି କୋଠରୀ, ସୁଡ଼ଙ୍ଗ, ବଗିଚା ସବୁ ଦେଖି ସାରିବା ବେଳକୁ ୨-୩ ଘଣ୍ଟା ଲାଗିଲା । ଏବେ ଏହି କିଲା ଆଉ ଏହାର ଇତିହାସ ବିଷୟରେ ଆପଣଙ୍କୁ କହେ ।

କାସାଲୋମାର ଶବ୍ଦାର୍ଥ ହେଲା "ପର୍ବତ ଉପରର ଘର" । ଏହା ଏକ ସ୍ପେନୀୟ ଶବ୍ଦରୁ ଉଦ୍ଧୃତ ହୋଇଅଛି । ଏହି କିଲାର କଳ୍ପନା ଆଉ ନିର୍ମାଣ କରିଥିଲେ ପ୍ରତିପତ୍ତିଶାଳି ଆଉ କଳ୍ପନା ବିଳାସୀ ସାର୍ ହେନେରୀ ପେଲେଟ୍ । ଏହି କିଲାର ନିର୍ମାଣ ଦାୟିତ୍ୱ ଦେଇଥିଲେ ପ୍ରସିଦ୍ଧ ନିର୍ମାତା ଇ. ଜେ. ଲେନକ୍ସଙ୍କୁ । ସାର୍ ହେନେରୀ ପେଲେଟ୍ଙ୍କ ସାରା ଜୀବନର କଳ୍ପନାକୁ ବାସ୍ତବ ରୂପ ଦେଇଥିଲେ ଲେନକ୍ସ । ମଧ୍ୟପ୍ରାଚ୍ୟ ସ୍ଥପତ୍ୟ କଳାର ଉତ୍କର୍ଷ ନେଇ ଏହି କିଲାର ନିର୍ମାଣ ହୋଇଥିଲା । ୧୯୧୧ରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା । ୩୦୦ କାରିଗର ଏହି କିଲା ନିର୍ମାଣରେ ବ୍ୟସ୍ତ ରହିଥିଲେ । ଏହା ସମ୍ପୂର୍ଣ୍ଣ ହେବାକୁ ୩ବର୍ଷ ସମୟ ଲାଗିଥିଲା । ସେତେବେଳକାର ସମୟରେ ଏହି କିଲାର ନିର୍ମାଣ ନିମନ୍ତେ ୧୭.୫ କୋଟି ଟଙ୍କା ବ୍ୟୟ ହୋଇଥିଲା ।

କିନ୍ତୁ ଅତି ବିଚିତ୍ର କଥା ଯେ, ସାର୍ ହେନେରୀ ପେଲେଟ୍ ନିଜର ଏହି ସ୍ୱପ୍ନର କିଲାରେ କେବଳ ୧୦ ବର୍ଷ ରହିପାରିଥିଲେ । ଅର୍ଥନୈତିକ ବିଫଳତା ଆଉ ଅନ୍ୟାନ୍ୟ ଆନୁସଙ୍ଗିକ ଦୁର୍ଭାଗ୍ୟ ଯୋଗୁଁ ସେ ଏହି କିଲାକୁ ତ୍ୟାଗ କରିବାକୁ ପଡ଼ିଥିଲା । ଆଉ ଆଜି ଏହି



କାସାଲୋମାର ଅଭ୍ୟନ୍ତରରେ ଥିବା କୋଠରୀ ପଥର ଦୃଶ୍ୟ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ବିଶାଳ କିଲାଟି କାନାଡ଼ା ଇତିହାସର ଏକ ଅଙ୍ଗହୋଇ ରହିଅଛି ।

ଟରୋଣ୍ଟୋର ମୁଖ୍ୟ ୧୦ ଗୋଟି ଆକର୍ଷଣୀୟ ସ୍ଥାନ ମଧ୍ୟରୁ ଏହା ଅନ୍ୟତମ । ପ୍ରତିବର୍ଷ ଏହି କିଲାଟିକୁ ଦେଖିବା ପାଇଁ ତିନି ଲକ୍ଷରୁ ଅଧିକ ଲୋକ ଦେଶ ବିଦେଶରୁ ଆସିଥାନ୍ତି । ପ୍ରତିବର୍ଷ ଏହି କିଲାଟିରେ ସରକାରୀ ଓ ବେସରକାରୀ ସ୍ତରର ୨୦୦ରୁ ଅଧିକ ଉତ୍ସବ ହୋଇଥାଏ । ଏହାର ଉଚ୍ଚକୋଟିର ସ୍ଥାପତ୍ୟ କଳା ନିମନ୍ତେ ଏହା ବିଶ୍ୱପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାଣ ସଂସ୍ଥା, ଦୂରଦର୍ଶନ ଓ ଚିତ୍ରୋତ୍ତଳନକାରୀଙ୍କୁ ଆକର୍ଷିତ କରିଥାଏ । ଏହି କିଲା ଉପରେ ଏକ ପ୍ରାମାଣିକ ଚିତ୍ର ମଧ୍ୟ ଆପଣମାନେ ଦେଖିବାକୁ ପାଇବେ ଏହି କିଲା ମଧ୍ୟରେ । ଏହି କିଲା ବର୍ଷସାରା ଖୋଲା ରହେ, ଦିନେ ଦୁଇଦିନ ଛାଡ଼ି । ହେଲେ ୫ଏକର ବିଶିଷ୍ଟ ଉଦ୍ୟାନଟି ମେ ମାସ ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଖୋଲାରହେ ସର୍ବସାଧାରଣଙ୍କ ପାଇଁ ।

ଏବେ ସାର୍ ହେନେରୀ ପେଲେଟ୍ ଆଉ ତାଙ୍କ ଜୀବନ କଥା କହିବି ଆଉ ଏହି ସ୍ୱପ୍ନ ବିଳାସମୟ କିଲାର କଳ୍ପନା ମଧ୍ୟ ।

ଅଣ୍ଟାରିଓର କିଙ୍ଗଷ୍ଟନ୍‌ରେ ରହୁଥିବା ବ୍ରିଟିଶ୍ ଦମ୍ପତ୍ତଙ୍କ ଔରସରୁ ୬ ଜାନୁୟାରୀ ୧୮୫୯ରେ ଜନ୍ମ ହୋଇଥିଲେ ସାର୍ ହେନେରୀ ପେଲେଟ୍ । ପିଲାଟି ଦିନରୁ ବହୁତ ଉଚ୍ଚାଭିଳାଷୀ ଆଉ ସ୍ୱପ୍ନବିଳାସୀ ଥିଲେ ସେ । ୧୭ ବର୍ଷ ବୟସରେ ନିଜର ପାଠ ପଢ଼ା ଛାଡ଼ି ନିଜର ପାରିବାରିକ ବ୍ୟବସାୟକୁ ଆଦରି ନେଇଥିଲେ । ୨୩ବର୍ଷ ବେଳକୁ ନିଜ ବାପାଙ୍କ "ପେଲାଟ୍ ଏଣ୍ଡ ପେଲାଟ୍" ଉକ୍ତର କମିଶନ ବେପାରରେ ଏକ ପ୍ରଧାନ ସହଯୋଗୀ


କାସାଲୋମାର ଅନ୍ତଃପୁରରେ ଥିବା ବିଳାସମୟ ଆସବାବପତ୍ରର ସାଜସଜ୍ଜା


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ହୋଇସାରିଥିଲେ । ତାଙ୍କ ପରିବାରର ଶକ୍ତି ସନ୍ଦର୍ଭ ଥିଲା "ଦେଭାଁ ସି ଜେ ପୁଇ" । ଏହାର ଅର୍ଥ ହେଲା "ସର୍ବଦା ଅଗ୍ରଗଣ୍ୟ ରହିବି" ।

ସେତେବେଳକୁ ସେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ନିଜର ଉତ୍କର୍ଷତା ପ୍ରତିପାଦିତ କରିପାରିଥିଲେ । ସେହି ବର୍ଷ ସେ ମେରୀ ଡଜ୍‌ସନ୍‌ଙ୍କୁ ବାହା ହୋଇଥିଲେ ।

ନିଜର ବାଣିଜ୍ୟର ପ୍ରସାର ପାଇଁ ସେତେବେଳେ ସେ ଇଉରୋପୀୟ ଦେଶ ମାନଙ୍କୁ ବୁଲିବାକୁ ଯାଉଥିଲେ । ଆଉ ସେଇଠୁ ସେ ଇଉରୋପୀୟ କଳା ଓ ସଂସ୍କୃତିର ଜଣେ ପ୍ରଶଂସକ ହୋଇଥିଲେ । ସେଇଠୁ ଆରମ୍ଭ ହୋଇଥିଲା ବିଳାସମୟ ଏହି କିଲାର କଳ୍ପନା । ସେତେବେଳେ ସେ ମିଲିଟାରୀରେ ଇଂଲଣ୍ଡର ରାଣୀଙ୍କ "କ୍ୱିନ୍ସ ରାଇଫଲ୍" ସେନାରେ ବି ଅଙ୍ଗାଙ୍ଗୀ ଜଡ଼ିତ ଥିଲେ ।

ଏହିଭଳି ବିଭିନ୍ନ ସେବାରେ ନିଜକୁ ନିୟୋଜିତ କରିଥିଲେ ମଧ୍ୟ ସେ ଥିଲେ ଜଣେ ଦିଗ୍‌ଦର୍ଶକ ଆଉ ଏକ ନିପୁଣ ବ୍ୟବସାୟୀ । ବିଲେଇ କପାଳକୁ ଶିକା ଛିଡ଼ିଲା ପରି, ସେତେବେଳେ ଥୋମାସ୍ ଏଡ଼ିସନ୍ ବାଷ୍ପୀୟ ଇଞ୍ଜିନ୍‌ରୁ ବିଦ୍ୟୁତ୍ ପ୍ରବାହର ଉଦ୍ଭାବନ କରିଥିଲେ । ହେନେରୀ ପେଲେଟ୍ ଏହି ସୁଯୋଗର ହାତଛଡ଼ା ନକରି ୧୮୮୩ରେ ହିଁ ଟରୋଣ୍ଟୋ ଇଲେକ୍ଟ୍ରିକ୍ ଲାଇଟ୍ କମ୍ପାନୀରେ ପ୍ରତିଷ୍ଠା କରିଥିଲେ । କାରଣ ସେ ଜାଣିଥିଲେ ଏହି ବିଜୁଳୀ ତାଙ୍କୁ ବିଜୁଳୀ ବେଗରେ ଅତ୍ୟନ୍ତ ବିତ୍ତଶାଳୀ କରିବାରେ ସହାୟକ ହେବ । ଆଉ ଏହି ଆତ୍ମବିଶ୍ୱାସ ଅଚିରେ ସତ ବି ହେଲା । ହେନେରୀ ପେଲେଟ୍‌ଙ୍କୁ ୩୦ବର୍ଷ ହେଲା ବେଳକୁ ସେ ଟରୋଣ୍ଟୋ ସହରର ବିଦ୍ୟୁତ୍ ସରବରାହର ଏକଚ୍ଛତ୍ର ସମ୍ରାଟ ଥିଲେ ।



କାସାଲୋମାର ଅଭ୍ୟନ୍ତରରେ ଥିବା କୋଠରୀ ଗୁଡ଼ିକର ଦୃଶ୍ୟ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

୧୮୯୨ରେ ତାଙ୍କର ପିତା ବ୍ୟବସାୟରୁ ଅବସର ନେଲେ । ଏଣୁ ହେନେରୀ ପେଲେଟ୍‌ଙ୍କୁ ଅତି ଜାଗ୍ରତର ସହ କାରବାର ସମ୍ଭାଳିବାକୁ ପଡ଼ିଲା । ନିଜର ବ୍ୟବସାୟୀ ବନ୍ଧୁ ଆଉ ସମସ୍ତ ଶୁଭଚିନ୍ତକଙ୍କ ସକଳ ବାରଣ ସତ୍ତ୍ୱେ ସେ କାନାଡ଼ିଆନ୍ ପାସିଫିକ୍ ରେଲ୍‌ରୋଡ୍ ଏବଂ ନର୍ଥ୍‌ୱେଷ୍ଟ୍ ଲ୍ୟାଣ୍ଡ୍ କମ୍ପାନୀର ଅଂଶଧନ କ୍ରୟ କରିବାକୁ ଆରମ୍ଭ କଲେ । ସେତେବେଳେ ତାଙ୍କର ଏହି ବିବେଚନା ଲାଭଦାୟକ ପ୍ରମାଣିତ ହୋଇଥିଲା । ଏହା ତାଙ୍କୁ ଶତଗୁଣେ ଉତ୍ସାହିତ କରିଥିଲା ଆଉ ସେ ଧୀରେଧୀରେ ଅତ୍ୟନ୍ତ ପ୍ରଭାବଶାଳୀ ଆଉ ପ୍ରତିପତ୍ତିଶାଳୀ ହେବାରେ ଲାଗିଥିଲେ । ସତେ ଯେପରି ପାଲିଙ୍କି ଉପରେ ପାଟଛତା ।

୧୯୦୧ ମସିହା ସୁଦ୍ଧା ସାର୍ ହେନେରୀ ପେଲେଟ୍ ୨୧ଟି ମୁଖ୍ୟ କମ୍ପାନୀର ସଭାପତି ହୋଇପାରିଥିଲେ । ସେ ସେତେବେଳକୁ ଟରୋଣ୍ଟୋର ଖଣିଜ, ବୀମା, ଜମି ଆଉ ବିଦ୍ୟୁତ୍ ଭଳି ବିଭାଗ ଗୁଡ଼ିକର ଜଣେ ପକ୍କା ଖେଳୁଆଡ଼ ଥିଲେ । ୧୯୦୨ରେ ତାଙ୍କୁ ନାଏଗ୍ରା ଫାଲ୍‌ସରେ ଜଳବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ଅଧିକାର ଦିଆଗଲା । ୧୯୦୫ରେ ହେନେରୀ ପେଲେଟ୍‌ଙ୍କୁ ସେନାବାହିନୀର ସେବା ପାଇଁ ନାଇଟ୍ ଉପାଧିରେ ଭୂଷିତ କରାଯାଇଥିଲା । ଏହିଭଳି ସାର୍ ହେନେରୀ ପେଲେଟ୍‌ଙ୍କ ଭାଗ୍ୟର ରାଜଯୋଟକ ୧୯୧୧ ମସିହା ପର୍ଯ୍ୟନ୍ତ ଚାଲିଥିଲା ।

ସାର୍ ହେନେରୀ ପେଲେଟ୍‌ଙ୍କ ନିକଟରେ ସେତେବେଳେକୁ ପ୍ରାୟ ୮୫କୋଟି ଟଙ୍କାର ସମ୍ପତ୍ତି ଠୁଳ ହୋଇସାରିଥିଲା । ସେ ଭାବି ବସିଲେ ଯେ ଏହା ହେଉଛି ତାଙ୍କର ସ୍ୱପ୍ନର କିଲା ନିର୍ମାଣ କରିବାର ପ୍ରକୃଷ୍ଟ ସମୟ ।



କାସାଲୋମାର ଚତୁଃପାର୍ଶ୍ୱରେ ଥିବା ସହରର ବିଭିନ୍ନ ଅଞ୍ଚଳର ଦୃଶ୍ୟ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଏଣୁ ସେ ଆଉ କାଳବ୍ୟୟ ନକରି ଲେନକ୍ସଙ୍କୁ ଏହି ଦାୟିତ୍ୱ ଅର୍ପଣ କରିଥିଲେ ।

ନିର୍ମାଣ ହେଲା ଏହି ଭବ୍ୟକିଲା, ଟରୋଣ୍ଟୋ ସହରର ମୁଖ୍ୟ କେନ୍ଦ୍ରରେ । ପାହାଡ଼ ଉପରେ ଥିବା ଏହି କିଲା ସହରକୁ ଅନାଇ ବସିଥିଲା ନିଜର ବିଳାସ ଶୃଙ୍ଗାର ନେଇ । ପାହାଡ଼ ଉପରର ଏହି କିଲା କାସାଲୋମା ଥିଲା ୧୯୧୧ ବେଳର ଏକ ଆଶ୍ଚର୍ଯ୍ୟ । ଉତ୍ତର ଆମେରିକାର ଘରେ ଘରେ ଚର୍ଚ୍ଚିତ ହେଲା କାସାଲୋମା । ମନୁଷ୍ୟ ମନର କଳ୍ପନାର ଏକ ଜୀବନ୍ତ ପ୍ରତିଛବି । ସେତେବେଳର ଉତ୍ତର ଆମେରିକାର ସମସ୍ତ ବାସଗୃହ ଠାରୁ ଏହା ଥିଲା ସର୍ବୋତ୍କୃଷ୍ଟ । ସମସ୍ତ ପ୍ରକାର ବିଳାସ ବ୍ୟସନର ସାଜସଜ୍ଜା ସହ ଏହା ଆକର୍ଷଣ କଲା ଅନ୍ୟ ପ୍ରତିପତ୍ତିଶାଳୀ ବ୍ୟକ୍ତି ବିଶେଷଙ୍କୁ ।

ସାର୍ ହେନେରୀ ପେଲେଟ୍‌ଙ୍କ ବ୍ୟବସାୟୀକ ଆଉ ସେନାବାହିନୀର ସମ୍ପର୍କୀୟ ମାନଙ୍କୁ ବିଭିନ୍ନ ଉତ୍ସବ ସହ ଆପ୍ୟାୟିତ କରାଇବାକୁ ପଡ଼ିଲା ଏହି ଭବ୍ୟ କିଲାରେ । ଅତୀତର କଳାସ୍ଥାପତ୍ୟ, ବର୍ତ୍ତମାନର ବନ୍ଧୁବର୍ଗଙ୍କ ସେବା ଆଉ ଭବିଷ୍ୟତର ଆରାମ ଉଦ୍ଦେଶ୍ୟରେ ଅର୍ପିତ କାସାଲୋମା ନିଜ ନାମରେ ଇତିହାସ ରଚିଥିଲା । ଏହିଭଳି ଏହା ପେଲେଟ୍ ଦମ୍ପତିଙ୍କ ଜୀବନକୁ ବ୍ୟସ୍ତବହୁଳ କରି ରଖିଥିଲା । ଏହି ସମୟରେ ବହୁତ ଜନହିତକର ସେବାରେ ମଧ୍ୟ ଏହି ଦମ୍ପତ୍ତି ନିଜକୁ ଉତ୍ସର୍ଗ କରି ରଖିଥିଲେ । ସର୍ବାଗ୍ରେ ଟରୋଣ୍ଟୋର ବହୁଚର୍ଚ୍ଚିତ ଦମ୍ପତ୍ତି ଥିଲେ ପେଲେଟ୍ ଦ୍ୱୟ । ସାର୍ ହେନେରୀ ପେଲେଟ୍ ଟ୍ରିନିଟି କଲେଜ୍ ଆଉ ଗ୍ରେସ୍ ହସ୍ପିଟାଲ୍‌ର ମୁଖ୍ୟ ମାର୍ଗଦ୍ବାର ଥିଲେ । ବର୍ତ୍ତମାନ କାନାଡ଼ାର ସେଣ୍ଟ୍ ଜନ୍ସ ଆମ୍ବୁଲାନ୍ସ୍ ବ୍ରିଗେଡ଼ ତାଙ୍କର ହିଁ ଅବଦାନ ଥିଲା ।

ଏହି ଜନହିତକର କାର୍ଯ୍ୟରେ ଲେଡ଼ି ପେଲେଟ୍ ମଧ୍ୟ ପଛରେ ନଥିଲେ । ନିଜର ରୁଗ୍ଣ ଶରୀରକୁ ଭ୍ରୁକ୍ଷେପ ନକରି ସେ ମଧ୍ୟ ପତିଙ୍କ ସହ ଅଣ୍ଟାଭିଡ଼ି ଜନସେବାରେ ଲାଗିପଡ଼ିଥିଲେ । ସେ କାନାଡ଼ାର ଗାର୍ଲ୍ ଗାଇଡ୍ସ ଅଫ୍ କାନାଡ଼ା ସଂସ୍ଥାର ମୁଖ୍ୟ ଶାସନକର୍ତ୍ତ୍ରୀ ଥିଲେ । ତାଙ୍କର ଏହି ବିଶେଷ ଅବଦାନ ପାଇଁ ତାଙ୍କୁ ଏହି ସଂସ୍ଥାର ସର୍ବୋଚ୍ଚ ସମାନ "ଦି ସିଲ୍‌ଭର୍ ଫିସ୍"ରେ ସମ୍ମାନିତ କରାଯାଇଥିଲା ।

ପ୍ରତିଷ୍ଠା ଆଉ ଗୌରବରେ ଶତମୁଖ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ହୋଇରହିଥିବା ଏହି ଦମ୍ପତ୍ତିଙ୍କ କାହାର ନଜର ଲାଗିଯାଇଥିଲା ଯେପରି । ଧିରେ ଧିରେ ପେଲେଟ୍‌ଙ୍କ ଭାଗ୍ୟଲକ୍ଷ୍ମୀ ଯେପରି ତାଙ୍କୁ ଛାଡ଼ିବାକୁ ନିଶ୍ଚିତ କରି ସାରିଥିଲେ କାସାଲୋମା, ପେଲେଟ୍‌ଙ୍କ ପାଇଁ ଶୁଭ ସଙ୍କେତ ନଥିଲା । ତାଙ୍କ ବ୍ୟବସାୟ ସବୁ ଋଣରେ ବୁଡ଼ିବାକୁ ଆରମ୍ଭ କରିସାରିଥିଲା । ସେତେବେଳେ ବେଡ଼ି ଉପରେ କୋରଡ଼ା ବାଡ଼ି ପରି, ସରକାରଙ୍କ ନିଷ୍ପତ୍ତି ଆସିଲା ଯେ ପେଲେଟ୍ ଆଉ ଏକାଗ୍ର ଚକ୍ରବର୍ତ୍ତି ରହିବେ ନାହିଁ ବିଦ୍ୟୁତ୍ ଉତ୍ପାଦନ ବିଭାଗର । ଚଡ଼କ ପଡ଼ିଥିଲା ପେଲେଟ୍‌ଙ୍କ ଉପରେ । ନିଜର ସବୁଠାରୁ ଲାଭଜନକ ବ୍ୟବସାୟ ସରକାରଙ୍କ ଅକ୍ତିଆରକୁ ଚାଲି ଯାଇଥିଲା ।

ଏହି ଦୁର୍ଦ୍ଦିନରେ ସେ ଆଦରି ନେଲେ ଜମିଜମା ବ୍ୟବସାୟ । ହେଲେ ଦୁର୍ଭାଗ୍ୟର ଅନ୍ତ ନଥିଲା ଯେପରି । ଶେଷ ଆଶ୍ରା କରିବସିଥିବା ଏହି କୁଟାଖିଅଟି ମଧ ତାଙ୍କର ସାଥି ଦେଇନଥିଲା । ତାଙ୍କର ଭରସା ଥିଲା ଯେ ଟରୋଣ୍ଟୋର ସମ୍ଭ୍ରାନ୍ତଶ୍ରେଣୀ କାସାଲୋମାର ଚତୁଃପାର୍ଶ୍ୱରେ ଥିବା ଜମିସବୁ ଉଚ୍ଚଦରରେ କିଣିବେ । ହେଲେ ଏହା ହୋଇନଥିଲା ।

ସେତେବେଳେ ପ୍ରଥମ ବିଶ୍ୱଯୁଦ୍ଧର ସଂଘର୍ଷ ସମୟରେ କାନାଡ଼ିଆନ୍ ସବୁ ନିଜର ସମସ୍ତ ସମ୍ପତ୍ତି ଯୁଦ୍ଧ ଖତପତ୍ରରେ ନିବେଶ କରିଥିଲେ , ଗୃହ କିଣାବିକାରେ ନୁହଁ । ବିଶ୍ୱଯୁଦ୍ଧର ପରବର୍ତ୍ତୀ କାଳରେ ଦେଶର ଅର୍ଥନୈତିକ ବ୍ୟବସ୍ଥା ବହୁତ ଖରାପ ଥିଲା । ପେଲାଟ୍ ଏଣ୍ଡ ପେଲାଟ୍ କମ୍ପାନୀ ବରବାଦ ହୋଇଯାଇଥିଲା । କମ୍ପାନୀ ସେତେବେଳେ ହୋମ୍ ବ୍ୟାଙ୍କ ଅଫ୍ କାନାଡ଼ା ନିକଟରେ



ଶୀତଦିନେ ବରଫ ଘେରି ହୋଇ ରହିଥିବା କାସାଲୋମାର ଦୃଶ୍ୟ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ରଣରେ ବୁଡ଼ି ରହିଥିଲା ।

ଏହିଭଳି ଅଭାବନୀୟ ପରିସ୍ଥିତିରେ ସାର୍ ହେନେରୀ ପେଲେଟ୍ ତାଙ୍କ ଜୀବନର ସବୁଠାରୁ ବେଦନାଦାୟକ ନିର୍ଣ୍ଣୟ ନେଇଥିଲେ । ସେ ନିଶ୍ଚିତ କରିଥିଲେ ଯେ ନିଜର ସ୍ୱପ୍ନର କିଲା ନିଲାମ କରିବେ । ସେ ଏହି ଦୁର୍ଦ୍ଦିନ ପାଇଁ ସହରର କର ସଂଗ୍ରହକାରୀ ମାନଙ୍କୁ ଦାୟୀ କରିଥିଲେ । ଏହି ନିର୍ଣ୍ଣୟ ତାଙ୍କର ମନ ପ୍ରାଣ ଆଉ ଆତ୍ମାକୁ ବିଦୀର୍ଣ୍ଣ କରିଦେଇଥିଲା । ଆଶାଠାରୁ ବହୁତ ନିମ୍ନଦରରେ କାସାଲୋମା ନିଲାମ ହୋଇଥିଲା ଆଉ ରାଜାରୁ ରଙ୍କ ହୋଇ ଏହି ଭବ୍ୟ ପ୍ରାସାଦରୁ ସେ ବିଦାୟ ନେଇଥିଲେ । ଏହା ନିୟତିର ଏକ ନିଷ୍ଠୁର ଉପହାସ ଥିଲା ।

ପେଲେଟ୍ ଦମ୍ପତି ୧୯୨୪ରେ କିଙ୍ଗଷ୍ଟନ୍‌ରେ ଥିବା ନିଜର କୋଠିଘରକୁ ଚାଲିଯାଇଥିଲେ ନିଜର ସର୍ବସ୍ୱ ହାରିଦେଇ । ତା' ପର ବର୍ଷ ଶାରୀରିକ ଆଉ ମାନସିକ ତାଡ଼ନାରେ ଲେଡି ପେଲେଟ୍ ୬୭ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଏତେ କଷ୍ଟ ଆଉ ଭାଗ୍ୟର କଷାଘାତରେ ମଧ୍ୟ ପେଲେଟ୍ ନିଜର ପରୋପକାରୀ ଗୁଣ ତ୍ୟାଗ କରିନଥିଲେ । ମାନବ ସେବା କୁ ହିଁ ସେ ସର୍ବଶ୍ରେଷ୍ଠ ସେବା ବିବେଚିତ କରୁଥିଲେ । ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ ମାନବସେବାରେ ନିଜକୁ ଅର୍ପଣ କରିଥିଲେ । ତାଙ୍କର ୫୦ବର୍ଷର ସେନାବାହିନୀର ସେବା ନିମନ୍ତେ ତାଙ୍କୁ ସମ୍ମାନ ଦିଆଯାଇଥିଲା । ୨୭ ଜୁନ୍ ୧୯୨୬ରେ ୫୦୦ଜଣ ପଦାତିକ ସୈନ୍ୟ ତାଙ୍କୁ ସାଲ୍ୟୁଟ୍ କରିଥିଲେ ଆଉ ସେନାବାହିନୀର ତିନିଟି ବିମାନ ତାଙ୍କ ସମ୍ମାନାର୍ଥେ ଉଡ଼ାଯାଇଥିଲା ତାଙ୍କ ଚାରିପଟେ । ଏକ ରୋମାଞ୍ଚକର ଅନୁଭୂତି ଥିଲା ତାହା ସାର୍ ପେଲେଟଙ୍କ ପାଇଁ ।

ସମସ୍ତଙ୍କ ପରି ସାର୍ ପେଲେଟଙ୍କ ଜୀବନରେ ଶେଷଦିନ ଆସିଥିଲା ୮ ମାର୍ଚ୍ଚ ୧୯୩୯ ମସିହାରେ । ଟରୋଣ୍ଟୋ ସହରର ରାଜରାସ୍ତାରେ ହଜାର ହଜାର ଲୋକ ଏହି ଜନନାୟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ଦେଶସେବାରେ ବ୍ରତୀ ଏହି ନାୟକଙ୍କୁ ସେନାବାହିନୀର ସର୍ବୋଚ୍ଚ ସମ୍ମାନ ସହ ସମାଧିସ୍ଥ କରାଯାଇଥିଲା । ସେଦିନ ଟରୋଣ୍ଟୋର ଇତିହାସ ଯେପରି ଗୋଟିଏ କ୍ଷଣ ରହିଯାଇଥିଲା ଏହି ନାୟକଙ୍କ ଦେହାବସାନରେ

।

୧୯୨୫ ମସିହାରେ ପ୍ରସିଦ୍ଧ ନିର୍ମାତା ୱିଲିୟମ୍ ସ୍ୱାର୍ଲିଙ୍ଗ ଉଚ୍ଚାଧିକାରୀଙ୍କୁ ପ୍ରସ୍ତାବ ଦେଲେ ଯେ କାସାଲୋମାକୁ ଏକ ବିଳାସପୂର୍ଣ୍ଣ ହୋଟେଲ୍‌ରେ ପରିବର୍ତ୍ତନ କରିବାକୁ । ତାଙ୍କୁ ସମ୍ମତି ମଧ୍ୟ ମିଳିଲା ଏଥିପାଇଁ । ୯୬ଟି ବିଳାସପୂର୍ଣ୍ଣ କୋଠରୀ ଆଉ ୫୬ଟି ଛୋଟବଡ଼ ବ୍ୟବହାର୍ଯ୍ୟ କୋଠରୀ ନିର୍ମାଣ କରିବାକୁ ସେ ଇଚ୍ଛା କଲେ । କିନ୍ତୁ କୌଣସି କାରଣ ବଶତଃ ଏହା ସମ୍ଭବ ହୋଇପାରିନଥିଲା । ୧୯୨୮ ମସିହାରେ ନ୍ୟୁୟର୍କର ଏକ ପରିଚାଳନା ସଂସ୍ଥା କାସାଲୋମାକୁ କ୍ରୟ କରିବାର ପ୍ରସ୍ତାବ ଦେଇଥିଲେ । କିନ୍ତୁ ଏହାମଧ୍ୟ ଫଳବତୀ ହୋଇପାରିନଥିଲା । ୧୯୨୦ ମସିହାର ପରବର୍ତ୍ତୀ ସମୟରେ କାସାଲୋମା ରାତ୍ରୀ ସମାଗମର ଏକ କେନ୍ଦ୍ର ଥିଲା । ଦି ଅରେଞ୍ଜ ବ୍ଲୋସୋମ୍ ଯାହାକି ପରବର୍ତ୍ତୀ କାଳରେ ଗ୍ଲେନ୍ ଗ୍ରେ ସଙ୍ଗୀତ ସମ୍ପ୍ରଦାୟ ନାମରେ ଖ୍ୟାତ ଥିଲା, ତାକୁ କାସାଲୋମୋରେ ୮ମାସ ପାଇଁ ଅନୁବନ୍ଧିତ କରାଯାଇଥିଲା ।

ଏହାପରି କାସାଲୋମାର ଭବିଷ୍ୟତ ପୁଣି ଅନିଶ୍ଚିତତାକୁ ଠେଲି ହୋଇ ଯାଇଥିଲା । ଏତେ ସ୍ୱପ୍ନ ଆଉ ସାଦରଏ ନିର୍ମିତ ହୋଇଥିବା ଏହି କିଲା ଅନାଥ ହୋଇଯାଇଥିଲା ଯେପରି । ୧୯୩୩ ମସିହାରେ ଟରୋଣ୍ଟୋ ସହରର ଅନୁଶାସନ କର ଅସୁଲ ନିମିତ୍ତ ଏହାର ଦାୟିତ୍ୱ ନିଜେ ନେଇଥିଲେ । ଏହା ପରେ ଆଲୋଚନା ବିଲୋଚନା ଆରମ୍ଭ ହେଲା ଏହାର ଭବିଷ୍ୟତ ରକ୍ଷଣାବେକ୍ଷଣ ପାଇଁ । କିଏ କହିଲା ଉଚ୍ଚବିଦ୍ୟାଳୟ, ଆଉ କିଏ ସଂଗ୍ରହାଳୟ, ଆଉ କିଏ କଳାକେନ୍ଦ୍ର ତ ଆଉ କିଏ କହିଲା ଏହାକୁ ଯୁଦ୍ଧସ୍ମାରକୀ ରୂପେ ବ୍ୟବହାର କରାଯାଉ । ଏହି ସବୁ ନିର୍ଣ୍ଣୟକୁ ଆଡ଼େଇ ଦେଇ ଏହି କିଲାକୁ ଭାଙ୍ଗିଦେବାର ନିର୍ଣ୍ଣୟ କରାଗଲା । ହେଲେ ନିୟତିର ଲୀଳା ବିଚିତ୍ର । କାସାଲୋମା ଯେପରି ଥିଲା ଅପରାଜେୟ । ୧୯୩୭ ମସିହାରେ ଦି କିୱାନି କ୍ଲବ୍ ଅଫ୍ ୱେଷ୍ଟ ଟରୋଣ୍ଟୋ ଏହି କିଲାକୁ ପରିଭ୍ରମଣକାରୀଙ୍କ ନିମନ୍ତେ ଏକ ପର୍ଯ୍ୟଟନ ସ୍ଥଳ ରୂପେ ବ୍ୟବହାର କରିବାକୁ ଚାହିଁଲେ । ଏବଂ ତାହାହିଁ ହେଲା । ୨୦୧୧ ପର୍ଯ୍ୟନ୍ତ ଏହି ଅନୁବନ୍ଧ ରହିଅଛି ।

ତା'ପରେ ଜଣାନାହିଁ , କାସାଲୋମାର ଭାଗ୍ୟରେ କଣ ଅଛି ?


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ଆହ୍ବାନ ସମ୍ପାଦକଙ୍କୁ ପତ୍ର



ବାଲ୍ମୀକି ନାୟକ

ପ୍ରିୟ ଜ୍ୟୋତି ବାବୁ,

ମୋର ଆଲେଖ୍ୟ 'ନାରୀ ସୁରକ୍ଷା ଆଇନ ବନାମ ବାସ୍ତବିକତା'କୁ ଆପଣ ଆହ୍ବାନ ପତ୍ରିକାରେ ସ୍ଥାନ ଦେଇଥିବାରୁ ଅଶେଷ ଧନ୍ୟବାଦ ଜଣାଉଛି। ମୋ ଆଲେଖ୍ୟଟି କେତେଜଣ ପାଠକ ପଢ଼ିବେ ଓ କେତେଜଣ ପାଠକଙ୍କ ମନକୁ ଆନ୍ଦୋଳିତ କରିବ ସେ କଥା ପରେ ଜଣା ପଡ଼ିବ। କାରଣ ଆଜିଯାଏଁ କେହି ପ୍ରତିକ୍ରିୟା ବ୍ୟକ୍ତ କରିଥିବା ଖବର ମୋ ପାଖରେ ପହଞ୍ଚିନାହିଁ। ଅନ୍ତତଃ ଆପଣଙ୍କ ମନକୁ ଲେଖାଟି ଆନ୍ଦୋଳିତ କରିପାରିଛି, ତେଣୁ ମୁଁ ଖୁସି। ସେଥିପାଇଁ ଆପଣ ନିଜର ମୂଲ୍ୟବାନ ସମୟ ଖର୍ଚ୍ଚ କରି ପଢ଼ିବୁଝି ସମୀକ୍ଷା ଦେଇଛନ୍ତି ଦେଖି ପୁଣିଥରେ ଧନ୍ୟବାଦ ଜଣାଉଛି।

ଆପଣଙ୍କ ସମୀକ୍ଷାକୁ ପଢ଼ିଲା ପରେ ମୋ ଆଲେଖ୍ୟର ଆଭିମୁଖ୍ୟ ବିଷୟରେ ବିସ୍ତାରପୂର୍ବକ ଆଲୋଚନା କରିବା ଉଚିତ ଭାବୁଛି। ମୁଁ ପ୍ରଥମରୁ ଗୋଟିଏ କଥା ସ୍ପଷ୍ଟ କରିଦେବାକୁ ଚାହୁଁଛି। ପ୍ରଥମତଃ ମୁଁ Feminist କିମ୍ବା Masculinist ନୁହେଁ। ମୁଁ ଜଣେ ହେତୁବାଦୀ। ଅର୍ଥାତ ନିରପେକ୍ଷ ସମାଲୋଚକ। ବିଭିନ୍ନ ସମସ୍ୟାର ହେତୁ ବା କାରଣ ଖୋଜିବା ହେଉଛି ମୋର ଧର୍ମ।

ଆଦିମ କାଳରୁ ଆମ ସମାଜ ଧର୍ମଗ୍ରନ୍ଥ ମାନଙ୍କ ଦ୍ବାରା ଧାର୍ଯ୍ୟ କରାଯାଇଥିବା ନୀତିନିୟମ ଯୋଗୁଁ ମହିଳାମାନଙ୍କର ସ୍ଥାନ ନିମ୍ନସ୍ତରରେ ରହିଛି। ମୁଁ ଧର୍ମଗ୍ରନ୍ଥ ମାନଙ୍କରେ ଲେଖାଥିବା ବିଭିନ୍ନ ଅନ୍ଧବିଶ୍ବାସ, କୁସଂସ୍କାର ଓ ରଢ଼ିବାଦୀ ଚିନ୍ତାଧାରାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରି ତର୍କସଙ୍ଗତ ଭାବେ ମୋର ସମସ୍ତ ଆଲେଖ୍ୟରେ ପ୍ରକଟ କରିଥାଏ। ଏହି ପ୍ରବନ୍ଧରେ ଧର୍ମଗ୍ରନ୍ଥରୁ ଉଦ୍ଧୃତ କରିଥିବା ଦୁଇଟି ବକ୍ତବ୍ୟକୁ ମୁଁ ବି ଅସ୍ବୀକାର କରୁଥିବା କଥା ହିଁ ଲେଖିଛି। ଆଜିର ନାରୀମାନେ ସେ ଗୁଡ଼ିକ ମାନୁନାହାନ୍ତି ତେଣୁ ଠିକ୍ କରୁଛନ୍ତି ବୋଲି ହିଁ ମୋର ଉଦ୍ଦେଶ୍ୟ ଥିଲା। ହୁଏତ ଠିକ୍ ଭାଷାରେ ପ୍ରକାଶ କରିପାରିନଥିବାରୁ ମୁଁ ଦୁଃଖିତ।

ପରିବର୍ତ୍ତିତ ସମୟରେ 'ମହିଳା ସଶକ୍ତିକରଣ', 'ନାରୀ ଜାଗରଣ' ଆଦି ନାମରେ ଯେଉଁ ସବୁ ସଂସ୍ଥା ଖୋଲାଯାଇଛି, ସେଥିରେ ନିଯୁକ୍ତି ପାଇଥିବା ସ୍ବାଧୀନଚେତା ମହିଳାମାନେ ସ୍କୁଲ, କଲେଜ, କର୍ପୋରେଟ୍ କମ୍ପାନୀ ଏପରିକି ଘର ଘର ବୁଲି ମହିଳାମାନଙ୍କ ଅଧିକାର ସମ୍ପର୍କରେ ଯେଉଁ ଶିକ୍ଷା ଦେଉଛନ୍ତି, ତାହା ନାରୀମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ କମ ଏବଂ କେବଳ ଅଧିକାର ସମ୍ପର୍କରେ ବେଶୀ ପ୍ରୋତ୍ସାହିତ କରୁଛି। ଏହାଫଳରେ କେତେକ

ଉଚ୍ଚ-ମହତ୍ତ୍ୱାକାଂକ୍ଷୀ ମହିଳା ପୁରୁଷ ସମାଜ ବିରୁଦ୍ଧରେ ଏକ ପ୍ରକାର ଯୁଦ୍ଧ ଘୋଷଣା କରିସାରିଲେଣି। ବିଗତ ଦିନରେ ଆମ ସମାଜ ଜାତି ଓ ଧର୍ମ ଭିତ୍ତିରେ ଭାଗ ଭାଗ ହୋଇ ରହିଛି। ଆସନ୍ତା ଦିନମାନଙ୍କରେ ପୁରୁଷ ସମାଜ ଓ ନାରୀ ସମାଜ ନାମରେ ଦୁଇଟି ଭିନ୍ନ ଗୋଷ୍ଠୀ ତିଆରି ହେବାକୁ ଯାଉଛି। Mens' Right ନାମକ ଏକ ବେସରକାରୀ ସଂସ୍ଥାର ରିପୋର୍ଟରେ କୁହାଯାଇଛି - ନୂତନ ପିଢ଼ୀର ଅନେକ ଯୁବତୀମାନେ କହୁଛନ୍ତି ଯେ ପୁରୁଷକୁ ବିବାହ କରି ସେମାନଙ୍କ ପିଲାଙ୍କୁ ଜନ୍ମକରି ଗୋଲାମଗିରି କରିବା ଅପେକ୍ଷା ଅବିବାହିତ ରହିବା ଭଲ। ସେହିଭଳି ଯୁବକମାନେ କହୁଛନ୍ତି - ସ୍ତ୍ରୀଙ୍କୁ ବାହାହୋଇ ସେମାନଙ୍କ ହଜାରେ ପ୍ରକାର ନଖରା ସହ୍ୟ କରି ଶେଷରେ ଥାନା ଓ କଚେରୀକୁ ଦୌଡ଼ିବା ଅପେକ୍ଷା ଅବିବାହିତ ହୋଇ ରହିବା ଭଲ।

ଏକଥା ଯଦି ସତ୍ୟ ହୋଇଥାଏ ତେବେ ଭବିଷ୍ୟତରେ ଆମର ପବିତ୍ର ବୈବାହିକ ଅନୁଷ୍ଠାନର ସ୍ଥାନ କେଉଁଠି ରହିବ, କିଏ କହିବ ?

ସମାଜରେ ଯେଉଁ mindset and myth ପ୍ରଚଳିତ ଅଛି ଯେ 'ଯୁଗ ଯୁଗରୁ ଭାରତରେ ପୁରୁଷ ପ୍ରଧାନ ସମାଜ ରହିଆସିଛି, ଏଠାରେ କୌଣସି ବି ଯୁଗରେ ନାରୀର ପ୍ରାଧାନ୍ୟକୁ ସମ୍ମାନ ଦିଆଯାଇନାହିଁ। ନାରୀକୁ ସମକକ୍ଷ କହୁଥିବା ଲୋକମାନେ ନିଜ ପରିବାରର ସ୍ତ୍ରୀଲୋକ ମାନଙ୍କୁ ଦିନର ଖରାରେ ନିଜ ଘରୁ ବାହାରକୁ ଯିବାକୁ ଦିଅନ୍ତି ନାହିଁ।' ଏହାର ସ୍ପଷ୍ଟିକରଣ ଦେଇ ମୁଁ ଲେଖୁଛି - 'ନାରୀମାନଙ୍କୁ ଅନେକ ଦିନରୁ ଆମଦେଶରେ ସ୍ୱାଧୀନତାର ସ୍ୱାଦ ମିଳିଲାଣି। ପିଲାଟି ବେଳୁ ସହଶିକ୍ଷା ପ୍ରଦାନ କରିବା, ଉଚ୍ଚଶିକ୍ଷା ପ୍ରାପ୍ତି ପାଇଁ ଉଦାର ଚିତ୍ତରେ ଯୁବତୀମାନଙ୍କୁ ଶିକ୍ଷାନୁଷ୍ଠାନକୁ ପଠେଇବା, ଚାକିରୀପାଇଁ ବିଦେଶ ଯିବାକୁ ଅନୁମତି ଦେବା। ନିଜ ଇଚ୍ଛାରେ ଜୀବନସାଥୀ ନିର୍ବାଚନ କରିବା ଆଦି ସମ୍ଭବ ହେଉଛି। ଏହା ସହିତ ଆହୁରି କେତୋଟି ଉଦାହରଣ ଦେଖନ୍ତୁ। ବୈଦିକ ଯୁଗରେ ସ୍ୱୟଂବର କରି ସ୍ୱାମୀ ନିର୍ବାଚନ କରିବା ପ୍ରଥା ବି ଆମରି ଦେଶରେ ଥିଲା। ଆମେରିକାର ମହିଳାମାନଙ୍କ ଠାରୁ ୧୦ ବର୍ଷ ପୂର୍ବରୁ ଆମ ଦେଶର ମହିଳାମାନଙ୍କୁ ଭୋଟ ଦେବାର ଅଧିକାର ମିଳିଥିଲା। ତେଣୁ ଏହାକୁ 'ପୁରୁଷପ୍ରଧାନ ସମାଜ' କହି ହେବନି।

ଭାରତର ଯେକୌଣସି ପ୍ରତିଷ୍ଠିତ, ସମ୍ମାନିତ ଓ ସୁଖି ପରିବାରର ନିୟନ୍ତ୍ରଣକର୍ତ୍ତୀ ହେଉଛି ଜଣେ ମହିଳା। ତାଙ୍କରି ନିର୍ଦ୍ଦେଶରେ ପରିବାରର ରାଜନୀତି, ଅର୍ଥନୀତି ଓ କୂଟନୀତି ସବୁକିଛି ଚାଲିଥାଏ। ପୁରୁଷର ଭୂମିକା ସେହି

ପରିବାରର ରାଷ୍ଟ୍ରର ରାଷ୍ଟ୍ରପତିଙ୍କ ଭଳି ନମ୍ବର ଏକ। ପୁରୁଷ ସମର୍ଥନ ନ କଲେ କାମ ଚଳିବନି କିନ୍ତୁ ପୁରୁଷ ସମର୍ଥନ କରିବାକୁ ବାଧ୍। ଘର ବାହାରେ ପୁରୁଷ ଯେତେ କଡ଼ା ବା କଠୋର ପ୍ରବୃତ୍ତିକୁ ଦର୍ଶାଉଥିଲେ ବି ନିଜ ଘରେ ସ୍ତ୍ରୀଙ୍କୁ ସମର୍ଥନ ଓ ସମ୍ମାନ ଦେଉଥିବାରୁ ଘରେ ଶାନ୍ତି, ଶୃଙ୍ଖଳା ରହିପାରୁଛି। ଯେଉଁ ଘରେ ଏହାର ବ୍ୟତିକ୍ରମ ଘଟୁଛି, ସେହି ପରିବାର କେବଳ ସାହିପଡ଼ିଶାରେ ନୁହେଁ ଦେଶ ଦୁନିଆରେ ବି ବଦନାମ ହୋଇଯାଉଛି। କିନ୍ତୁ ଅନୁପାତରେ ଏଭଳି ପରିବାର ସଂଖ୍ୟା କମ ଦେଖାଯାଏ।

ଯୌନ ବଳାତ୍କାର ଘଟଣାପାଇଁ ଦୁନିଆର ୬୫ ଦେଶରେ ହୋଇଥିବା ସର୍ବେକ୍ଷଣ ରିପୋର୍ଟ ତାଲିକାରେ ଭାରତ ଅଛି ୫୬ ନମ୍ବରରେ। ପ୍ରତି ଏକ ହଜାର ଜନସଂଖ୍ୟାରେ ୧୨ ପ୍ରତିଶତ ବଳାତ୍କାର ହେଉଥିବା ଦକ୍ଷିଣ ଆଫ୍ରିକା ଅଛି ଏକ ନମ୍ବର ଦେଶ। ଭାରତରେ ପ୍ରତି ଏକ ହଜାର ଜନସଂଖ୍ୟାରେ ୦.୦୧ ପ୍ରତିଶତ ବଳାତ୍କାର ହେଉଛି।

ଗାଁ ହେଉ ବା ସହର। ସବୁ ଜାଗାରେ ଅନେକ ଅଶିକ୍ଷିତ, ଶିକ୍ଷିତ, ଗରୀବ ଓ ଧନୀ ଲୋକଙ୍କ ଭିତରେ ସଭ୍ୟତାର ଅସଲ ଅର୍ଥ ପଶିନାହିଁ। ନିଜର ଅଂହକୁ ପ୍ରତିଷ୍ଠା କରିବାପାଇଁ ସମସ୍ତେ ତତ୍ପର। ନାରୀ ନିର୍ଯ୍ୟାତନାର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ନାରୀ ହିଁ ନାରୀର ପ୍ରମୁଖ ଶତ୍ରୁ। ପୁରୁଷ ନିମିତ୍ତ ମାତ୍ର। ଜଣେ ନାରୀ ଅନ୍ୟ ଜଣେ କିମ୍ବା ବହୁତ ନାରୀଙ୍କ ବିରୋଧରେ ପୁରୁଷକୁ ପ୍ରବର୍ତ୍ତାଇବା ଏକ ଅକାଟ୍ୟ ସତ୍ୟ। ଶେଷରେ ପୁରୁଷ ହୁଏ ଦୋଷୀ।

'ଦୁର୍ଘଟଣା' ଶବ୍ଦ ଉପରେ ଆପଣଙ୍କ ତର୍ଜମାକୁ ମୁଁ ମୋର ମତରେ ବ୍ୟାଖ୍ୟା କରିବାକୁ ଚାହୁଁଛି। ଦୁର୍ଘଟଣାର ଆଭିଧାନିକ ଅର୍ଥ ହେଉଛି 'ଅଶୁଭ ଘଟଣା ବା ଆକସ୍ମିକ ବିପଦ'। ଘଟଣା ପୂର୍ବରୁ 'ଦୁଃ' କିମ୍ବା 'ସୁ' ଯୋଗ କଲେ ଅର୍ଥ ବଦଳିଯାଏ। ଅନ୍ୟଜଣଙ୍କ କାରଣରୁ ଘଟିଥିବା ଘଟଣାଟି ତା ପାଇଁ ସିନା ଅପରାଧ ହେବ କିନ୍ତୁ ଯାହାର କ୍ଷତି ହେଲା ତା ପାଇଁ ଏକ ଦୁର୍ଘଟଣା ହେବ। ଏମିତି ଘଟଣା ଘଟିବ ବୋଲି ସେ ତ ଜାଣିନଥାଏ। ତା'ର ଅଜାଣତରେ ଘଟିଥିବା ଘଟଣାକୁ ଆମେ ଦୁର୍ଘଟଣା ବୋଲି କହିଲେ ଭୁଲ କାହିଁକି ହେବ ?

'ବଳାତ୍କାର' ଘଟଣା ଉପରେ ଆପଣଙ୍କ ତର୍ଜମାକୁ ମୁଁ ମୋ ମତରେ ବ୍ୟାଖ୍ୟା କରୁଛି। ବଳାତ୍କାର ଅନେକ ପ୍ରକାର ଥିଲେ ବି ଆମେ ଏଇଠି କେବଳ ଯୌନବଳାତ୍କାର କଥା ଆଲୋଚନା କରିବା। ମାନବ ସମାଜରେ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଯୌନ ବଳାତ୍କାର କିଛି ନୂଆଁ କଥା ନୁହଁ। କାମଶାସ୍ତ୍ର ଓ କାମ ବିଜ୍ଞାନରେ ଏକାର କାରଣ, ନିଦାନ ଓ ନିରାକରଣ ସମ୍ପର୍କରେ ବିସ୍ତାରପୂର୍ବକ ଚର୍ଚ୍ଚା ହୋଇଛି। ଅନ୍ୟାନ୍ୟ ପ୍ରାଣୀଙ୍କ ଭଳି ମାନବ ଶରୀରରେ ବି କାମବାସନା ଅଦମନୀୟ ସ୍ଥିତି ପର୍ଯ୍ୟନ୍ତ ରହିଥିବାରୁ ଚଳନ୍ତିଭାଷାରେ ଏହାକୁ ପାଶବିକ ପ୍ରବୃତ୍ତି ବୋଲି କୁହାଯାଏ। କେତେକ ପୁରୁଷ ନିଜର କାମବାସନାକୁ ଶାନ୍ତ କରିବାପାଇଁ ନାରୀ ବ୍ୟତୀତ ସମଜାତୀୟ ପୁରୁଷ ଏବଂ ପଶୁମାନଙ୍କୁ ବି ବାଦ ଦେଇନଥାନ୍ତି। ଜୀବନସାରା ବିବାହ କରି ପୁରୁଷ ଏକପତ୍ନୀବ୍ରତ ଏବଂ ସ୍ତ୍ରୀ ଏକ ପତିବ୍ରତା ହୋଇ ରହିବାପାଇଁ ସାମାଜିକ ନୀତି ନିର୍ଦ୍ଧାରଣ ହୋଇଛି। କିନ୍ତୁ କାମ ଆବେଗ କେବେ ବି ଏହାର ନିୟମ ଭିତରେ ବାନ୍ଧି ହୋଇ ରହିପାରିବନି। ସବୁ ଯାଗାରେ, ସବୁ ଯୁଗରେ ଏକ ଗଳାରାସ୍ତା ଖୋଜି ନେଇଛି। ତେଣୁ ଏହି ଯୌନ ବ୍ୟଭିଚାର ଅତୀତରେ ଚାଲିଥିଲା, ବର୍ତ୍ତମାନ ଚାଲୁଛି ଏବଂ ଭବିଷ୍ୟତରେ ବି ଚାଲିବ। ଏହା ଏକ ନିର୍ବିବାଦ ସତ୍ୟ। ମନ ଭୁଲେଇବାପାଇଁ କିମ୍ବା ଅନ୍ୟକୁ ଶାନ୍ତ୍ୱନା ଦେବାପାଇଁ 'ସଂଯମ ରକ୍ଷା କରିବା ଉଚିତ' ବୋଲି କହିଦେଲେ ଯଥେଷ୍ଟ ହେବନାହିଁ।

ଯେଉଁ ଯୌନ ବଳାତ୍କାର ଘଟଣା ଗୁଡ଼ିକ ନିଜ ପରିବାର ଭିତରେ ଘଟୁଛି କିମ୍ବା ଉଭୟଙ୍କ ସହମତିରେ ହେଉଥିବା ବ୍ୟଭିଚାର ନିଜ ଲୋକ ଆଗରେ ଧରାପଡୁଛି, ସେ ଗୁଡ଼ିକ ସାଧାରଣତଃ ବାହାରେ ପ୍ରଘଟ ହେଉନାହିଁ। ତା'ର କାରଣ ସମ୍ପର୍କରେ ସମସ୍ତେ ଜାଣନ୍ତି। ପରିବାରର ମାନହାନୀ ହେବାର ଭୟ ଯୋଗୁଁ ସେ ଭଳି ଘଟଣା (ମୋ ମତରେ ଦୁର୍ଘଟଣା) ବାହାରେ ପ୍ରକାଶ ପାଉନି।

ଯୌନ ସମ୍ପର୍କ ଜବରଦସ୍ତି ହେଉ ବା ସହମତିରେ ହେଉ, ଯଦି ସମସ୍ତ ପ୍ରକ୍ରିୟା ସୁରକ୍ଷିତ ଓ ଗୋପନରେ ସମ୍ପନ୍ନ ହୋଇଯାଏ ତେବେ ସେ ଦୁହିଁଙ୍କ ବ୍ୟତୀତ ଅନ୍ୟକେହି ଜାଣିପାରନ୍ତି ନାହିଁ। ଘଟଣାଟିକୁ ଲୁଚେଇଦେବା ସମ୍ଭବ ହୋଇପାରେ। କିନ୍ତୁ ଯୌନକ୍ରିୟା ଦ୍ବାରା ଯଦି ଅନ୍ୟଜଣକ ଶାରୀରିକ ଭାବେ ଆଘାତ ପାଏ କିମ୍ବା ବାହାର ଲୋକ କେହି ସେହି ଦୃଶ୍ୟକୁ ଦେଖିନିଏ ତେବେ ଘଟଣାଟି ଆଉ ଲୁଚି ରହେନାହିଁ। ସେହି କ୍ଷେତ୍ରରେ ନାରୀର ମନରେ ଅପରାଧ ବୋଧକୁ ବୃଦ୍ଧିକରିବାପାଇଁ ସମାଜ ହିଁ ବେଶୀ ସାହାଯ୍ୟ କରେ। ତା'ବିଷୟରେ ଯେତେବେଶୀ ଚର୍ଚ୍ଚା ହେବ, ସେ ସେତେ ବେଶୀ ଅପମାନିତ ଅନୁଭବ କରିବ ଓ ହୀନମନ୍ୟତାର ଶୀକାର ହେବ। ଯଦି କେହି ଜାଣିପାରନ୍ତି ନାହିଁ, ସେ ଉକ୍ତ ଘଟଣାକୁ ହୁଏତ ଏକ ତିକ୍ତ ଅନୁଭୂତି


ଆହ୍ବାନ ଇ-ପତ୍ରିକା ଏବଂ ଆହ୍ବାନ ଓଡ଼ିଆ ପରିବାର ଦ୍ବାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ବାରା ପ୍ରକାଶିତ

ଭାବି କିଛିଦିନ ପରେ ଭୁଲିଯିବ। ଅନେକ କ୍ଷେତ୍ରରେ ଏହା ହିଁ ହେଉଛି। ଏହା ହେବା ବି ଉଚିତ। ଯୌନ ସଙ୍ଗମ ଭଳି ଏକ ପ୍ରାକୃତ୍ରିକ କ୍ରିୟାକୁ ଅତିମାତ୍ରାରେ ଗୁରୁତ୍ତ୍ୱ ଦେଇ ଜୀବନସାରା ଦୁଃଖ ଭୋଗ କରିବା କିମ୍ବା ଆତ୍ମହତ୍ୟା କରିବା ଆଦୌ ତର୍କସଙ୍ଗତ ନୁହେଁ।

ମୁଁ ସେଥିପାଇଁ କହିଛି - ସତର୍କତା ଅବଲମ୍ବନ କଲେ ହିଁ ଯୌନ ବଳାତ୍କାର ଭଳି ଦୁଃଖଦ ଘଟଣାକୁ ନିୟନ୍ତ୍ରିତ କରିହେବ। କାରଣ ପୁରୁଷ ମନରୁ ଉପଦେଶ ବା ଧର୍ମର ଭୟ ଦେଖାଇ କାମ ବିକୃତି କମ କରିବା ଯେତିକି କଷ୍ଟକର କାମ, କାନୁନ ବନେଇ କଠିନ ଦଣ୍ଡ ଦେବାର ଭୟ ସୃଷ୍ଟିକରି ବଳାତ୍କାର ଘଟଣାରେ ବ୍ରେକ୍ ଲଗାଇବା ବି ସେତିକି କଷ୍ଟକର କାମ।

'ଆମେ କେହି ବି ସୁରକ୍ଷିତ ନୋହୁଁ' ର ଅର୍ଥ ହେଉଛି, ଅସାମାଜିକ ତତ୍ତ୍ୱ ସବୁବେଳେ ସୁଯୋଗ ଅପେକ୍ଷାରେ ଟାକି ବସିଥାନ୍ତି। ପୁରୁଷଟିଏ ବି ନିରୋଳା ରାସ୍ତାରେ ମୂଲ୍ୟବାନ ବସ୍ତୁ ବା ଟଙ୍କାବ୍ୟାଗ ଧରି ଯାଉଥିଲେ ଚୋରଙ୍କ ଦ୍ବାରା ଲୁଟି ହେବାର ଭୟ ରହୁଛି। ସେହିଭଳି ନାରୀର ସମ୍ପତ୍ତି ହେଉଛି ତା'ର ଯୌବନ କିମ୍ବା ଯୌନ ଉତ୍ତେଜକ ଅଙ୍ଗ। ଲୁଣ୍ଠନ ହେବାର ଭୟ ନିଶ୍ଚୟ ଅଛି।

ଭିଡ଼ରେ ନାରୀ ଦେହରେ ହାତ ବାଜିଲେ ଯେଉଁ ଶୀହରଣ ସୃଷ୍ଟି ହେବ, ସେଭଳି ପୁରୁଷ ଦେହରେ ବାଜିଲେ ହେବନାହିଁ। କିନ୍ତୁ ସମଲିଙ୍ଗୀ ପୁରୁଷମାନଙ୍କୁ ନାରୀ ଅପେକ୍ଷା ସୌଷ୍ଠବ ପୁରୁଷ ହିଁ ଆକର୍ଷିତ କରିଥାନ୍ତି। ଏହା ବ୍ୟତୀତ ସ୍କୁଲ, କଲେଜରେ ଛାତ୍ରାବାସ, ମଠମନ୍ଦିର ଓ ଆଶ୍ରମ ମାନଙ୍କରେ ରହୁଥିବା ଶିଷ୍ୟ ନାମଧାରୀ ଯୁବଗୋଷ୍ଠୀ ସେନା ଛାଉଣୀରେ ଏବଂ ଜେଲରେ ରହୁଥିବା ବହୁ ଯୁବବୟସ୍କ ପୁରୁଷ ଯୌନ ବଳାତ୍କାରର ଶୀକାର ହେଉଛନ୍ତି।

'ନାରୀକୁ ସବୁବେଳେ ନିଜ ଅଧିନରେ ରଖିବାର ମାନସିକତା ହିଁ ନାରୀ ପ୍ରତି ହେଉଥିବା ନିର୍ଯ୍ୟାତନାର ମୁଖ୍ୟ କାରଣ' ବୋଲି ଆପଣ ଭାବୁଛନ୍ତି। କିନ୍ତୁ ଏହା କିପରି ସତ୍ୟ ହେବ ? ନିଜ ଘରେ ରହୁଥିବା ମହିଳା ଯଥା ମାଆ, ସ୍ତ୍ରୀ, ଭଉଣୀ, ଭାଉଜଙ୍କ ଉପରେ ଅହଂ ଯୋଗୁଁ ଏହ ବିକୃତ ମାନସିକଧାରୀ ପୁରୁଷ ହୁଏତ ନିଜ ଅଧୀନରେ ରଖିବା କଥା ଚିନ୍ତା କରିପାରିବ। କିନ୍ତୁ କାହାଉ ଜାଣିନଥିବା, ଚିହ୍ନିନଥିବା ନାରୀକୁ ସୁବିଧା ସୁଯୋଗ ଦେଖି ସାମୟିକ ଭାବେ ଯୌନତୃପ୍ତିପାଇଁ ବଳାତ୍କାର କରି ଖସି ପଳାଇବାକୁ ଚାହୁଁଥିବା ପୁରୁଷ ସେହି ନାରୀକୁ ଅଧୀନରେ ରଖିବାର ମାନସିକତା କାହିଁକି ରଖିବ? କାମାନ୍ଧ ପୁରୁଷ ପାଇଁ ସାମୟିକ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଯୌନପ୍ରକ୍ରିୟା ହିଁ ମୁଖ୍ୟକାରଣ ହୋଇଥାଏ।

ଆପଣ ଲେଖିଛନ୍ତି, 'ଭଗବାନ ଉଭୟ ପୁରୁଷ ଓ ସ୍ତ୍ରୀକୁ ଏକାଭଳି ଗଢ଼ିଛନ୍ତି, ତା'ହେଲେ ଏପରି ଭେଦଭାବ କାହିଁକି ?'

ଏଥିରେ ବି ଆଂଶିକ ଭାବେ ସତ୍ୟ ରହିଛି। ଭଗବାନ (ମୁଁ କହିବି ପ୍ରକୃତି) ପୁରୁଷ ଓ ସ୍ତ୍ରୀକୁ ମଣିଷ ଜାତି ହିସାବରେ ଗଢ଼ିଥିଲେ ବି ସେମାନଙ୍କ ଶରୀର ଗଠନରେ ପ୍ରଭେଦ ରହିଛି। ବିଶେଷ କରି ସେମାନଙ୍କ ଯୌନାଙ୍ଗ ଏକା ଭଳି ନୁହେଁ। ଯାହାରି ପାଇଁ ଆମେ ଆଜି ଚିନ୍ତିତ। ନାରୀ ଯୌନାଙ୍ଗର ସୁରକ୍ଷାପାଇଁ ଯେତେ ସବୁ ବିଭ୍ରାଟ ଓ ସମସ୍ୟା ସୃଷ୍ଟି ହେଉଛି।

ଆପଣ ପ୍ରଶ୍ନ କରିଛନ୍ତି 'ସ୍ତ୍ରୀଟିଏ କାହିଁକି ପୁରୁଷର ବଳାତ୍କାର କରେ ନାହିଁ?' ଏହାର ଅନେକ ଉତ୍ତର ଦିଆଯାଇ ପାରେ।

୧. ସୁବିଧା ସୁଯୋଗ ପାଇଲେ ସ୍ତ୍ରୀମାନେ ବି ପୁରୁଷକୁ ବଳାତ୍କାର କରିପାରନ୍ତି। କିନ୍ତୁ ସେଭଳି ଘଟଣା ପ୍ରାୟ ଲୋକଲୋଚନକୁ ଆସେ ନାହିଁ। ମୁଁ ଜାଣିଛି ଗତ ୧୯୭୧ ମସିହାରେ କଟକ ସହରର ଗୋଟିଏ ଛାତ୍ରୀନିବାସରେ ଗୋଟିଏ ଯୁବକକୁ ଡାକିନେଇ ଚାରିଜଣ କଲେଜ ଛାତ୍ରୀ ଗଣଧର୍ଷଣ କରିଥିଲେ। ଯୁବକଟି ଗମ୍ଭୀର ଭାବେ ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା। କିନ୍ତୁ ଯୁବତୀମାନଙ୍କ ସମ୍ମାନହାନୀ ହେବା ଭୟରେ କେହି କିଛି କଲେନାହିଁ। ଘଟଣା ଟିକୁ ଚପାଇ ଦିଆଗଲା। ଗତ ୪୨ବର୍ଷ ପୂର୍ବେ ଯଦି ସ୍ତ୍ରୀମାନେ ପୁରୁଷକୁ ଧର୍ଷଣ କରିପାରିଥିଲେ, ଆଜିକାଲି ନୁହେଁ କାହିଁକି ?

୨. କୌଣସି ପୁରୁଷ ପ୍ରତି ଆକର୍ଷିତ ହୋଇ ପଡ଼ିଥିବା ସ୍ତ୍ରୀ ଅତି ସହଜରେ ପୁରୁଷଟିକୁ ଟ୍ରାପ୍ କରିପାରେ। ବାହାନା କରି ନିରୋଳା ଘର ବା ସ୍ଥାନକୁ ଡାକି ନେଇ ସହବାସ ପାଇଁ ବାଧ କରିପାରେ। ପୁରୁଷ ରାଜି ନହେଲେ ଚିତ୍କାର କରି ତୁମକୁ ବଦନାମ କରିଦେବାର ଧମକ ବି ଜଣେ ସାଧୁପୁରୁଷକୁ ଅସହାୟ କରିଦେଇ ପାରେ।

୩. ପ୍ରାକୃତିକ ଭାବେ ପୁରୁଷର ଯୌନ ଆବେଗ ଖୁବ ଶୀଘ୍ର ଜାତ ହୋଇ ଥାଏ କିନ୍ତୁ ସ୍ତ୍ରୀମାନଙ୍କର ଡେରିରେ ହୋଇଥାଏ। ସେଥିପାଇଁ ସ୍ତ୍ରୀ ପୁରୁଷକୁ ଧର୍ଷଣ କରିବାପାଇଁ ପ୍ରେରିତ ହୋଇନଥାଏ। ତେଣୁ ଏହା ସ୍ତ୍ରୀର ସଂଯମତା ନୁହେଁ ବରଂ ଏକ ପ୍ରାକୃତିକ ଗୁଣ। କାମ ବିଜ୍ଞାନ କୁହେ ସ୍ତ୍ରୀର ଯୌନ ଆବେଗ ପୁରୁଷ ଅପେକ୍ଷା ଯଥେଷ୍ଟ ଅଧିକ। ଉତ୍ତେଜନା ଅଧିକ ସମୟ ପର୍ଯ୍ୟନ୍ତ ରହେ। ତେଣୁ ଉତ୍ତେଜିତ ହୋଇ ପଡ଼ିଥିବା ସ୍ତ୍ରୀ ଯେ କୌଣସି ଦୁଃସାହସିକ କାର୍ଯ୍ୟ କରିପାରେ। ସେତେବେଳେ ସେ ନିଜର କିମ୍ବା


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ପରିବାରର ମାନମହତକୁ ଖାତିର କରେନାହିଁ। ଏପରିକି ସେକ୍ସ୍ ପାଇଁ କେତେକ ସ୍ତ୍ରୀ ଲୋକ ନିଜର ସ୍ବାମୀ ଓ ସନ୍ତାନକୁ ହତ୍ୟା କରିଥାନ୍ତି। ଏହି ଭଳି ଉଦାହରଣ ସମାଜରେ କିଛି କମ ନୁହେଁ।

୪. ପୁରୁଷ ଅପେକ୍ଷା ସ୍ତ୍ରୀ କମ ବଳଶାଳୀ ହୋଇଥିବାରୁ ସ୍ତ୍ରୀ ଇଚ୍ଛା କଲେ ବି ବଳାତ୍କାର କରିପାରିବ ନାହିଁ। ଦ୍ବିତୀୟରେ ଯୌନ ସଙ୍ଗମ ପାଇଁ ଗୋଟିଏ ଭୟଭୀତ ପୁରୁଷ ଆଦୌ ସମର୍ଥ ହୋଇ ପାରିବ ନାହିଁ। ତେଣୁ ପୁରୁଷକୁ ବଳାତ୍କାର କଲେ ସ୍ତ୍ରୀକୁ ଯୌନ ସନ୍ତୁଷ୍ଟି ମିଳିବ ନାହିଁ। ଏହାର ବିପରୀତ ସ୍ତ୍ରୀକୁ ଭୟଭୀତ କରି ମଧ୍ୟ ସଂଭୋଗ କରିହେବ।

୫. ଶେଷ କଥା ହେଉଛି ଯେ ଯଦି ସ୍ତ୍ରୀ କୌଣସି ମନପସନ୍ଦର ପୁରୁଷ ସହ ସଂଭୋଗ କରିବାକୁ ଚାହିଁବ, ତାକୁ ବଳାତ୍କାର କରିବା କ'ଣ ଆବଶ୍ୟକ ? ସ୍ତ୍ରୀ ନିଜର ଅଙ୍ଗଭଙ୍ଗୀ ଦ୍ବାରା ସାମାନ୍ୟ ସଙ୍କେତ ବା ସୂଚନା ଦେଇଦେଲେ ତ ପୁରୁଷ ମାନଙ୍କର ଲାଇନ ଲାଗିଯିବ। ପୁରୁଷ ଯଦି ସେଭଳି କରିବ, ସିଧା ମାଡ଼ ଖାଇ ପୋଲିସ ଥାନାକୁ ଟଣା ହୋଇଯିବ।

ଶେଷରେ ଏତିକି କହିବି ଏଇ ପ୍ରବନ୍ଧଟି ପୁରୁଷ ମନସ୍ତତ୍ତ୍ବ ଦୃଷ୍ଟିରୁ ନୁହେଁ ସମାଜର ଚଳନ୍ତି ଚିତ୍ରକୁ ନେଇ ଲେଖାଯାଇଛି। ଧନ୍ୟବାଦ।

www.aahwaan.com

# ରେଳନୀରର ପ୍ରୟୋଜନୀୟତା



ରଶ୍ମୀରଞ୍ଜନ କର

ରେଳଯାତ୍ରା କରିବା ପୂର୍ବରୁ କେତେକ ସାଧାରଣ କଥା ଓ ସାବଧାନତା ଅବଲମ୍ବନ କରିବା ଉଚିତ। ଗୁଡ଼ାଏ ଜିନିଷ ତ ଅଛି। ସେଥି ମଧ୍ୟରୁ ମୁଖ୍ୟ ହେଲା, ଟିକେଟ ରଖ କି ନ ରଖ ଗୋଟେ ଏକ୍‌ସ୍‌ଟ୍ରା ବୋତଲ ପାଣି ନିଶ୍ଚିତ ପାଖରେ ରଖିଥିବ। ଚଳିତ ଆର୍ଥିକ ବର୍ଷପାଇଁ ରେଳମନ୍ତ୍ରୀ ଯେଉଁ ବଜେଟ ଉପସ୍ଥାପନ କରିଛନ୍ତି ସେଥିରେ ସେ ଚାରୋଟି ନୂଆ ରେଳନୀର ଫ୍ୟାକ୍‌ଟ୍ରି ବସାଇବେ ବୋଲି ଉଲ୍ଲେଖ କରିଛନ୍ତି। ଉଦ୍ଦେଶ୍ୟ କଣ ? ରେଳନୀରର ବ୍ୟାପାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରୟୋଜନ ମୁତାବକ ରେଳନୀର ଯୋଗାଇ ହେଉନାହିଁ।

ଏମିତି ସବୁ କଥାବାର୍ତ୍ତା ଚାଲୁଥାଏ ରାଜୀବ ଓ ତା ସାଥୀମାନଙ୍କ ମଧ୍ୟରେ। ରାଜୀବ ବାବୁ ଗୋଟିଏ ମ୍ୟୁଜିକ୍ ଗ୍ରୁପ୍ ଚଳାନ୍ତି। ଅଧାରୁ ଅଧିକ ସମୟ ତାଙ୍କର କଟେ ରେଳଯାତ୍ରାରେ। ଏଇସବୁ କଥା ଭିତରେ ଲଲାଟ କହିଲା - ଭାଇ, ରେଳନୀର ଫ୍ୟାକ୍‌ଟ୍ରିରେ ଯେତେ ଖର୍ଚ୍ଚ ହେବ, ତା'ଠୁ ବି କମ୍ ଖର୍ଚ୍ଚରେ ଷ୍ଟେସନରେ ଆସୁଥିବା ପାଣିର କ୍ୱାଲିଟି କ'ଣ ବଢ଼ାଯାଇ ପାରିବନି ? ରାଜୀବ ବାବୁ କହିଲେ - ଆରେ, ଷ୍ଟେସନ କଳରୁ ଯଦି ପାଣି ଝରିବ ତାହେଲେ ଲୋକ ରେଳନୀର କିଣିବେ କାହିଁକି ? ଏ ସବୁ ପ୍ରହସନ କୋଉଥି ପାଇଁ? ନେତାଏ ବୁଝନ୍ତି ବେପାର। ମାଗଣାରେ ପାଣିଦେଲେ ତାଙ୍କୁ କି ଲାଭ ? ପୁଣି ମେଣ୍ଟେନାନ୍‌ସ ଖର୍ଚ୍ଚ ଅଲଗା। ସେ ଖର୍ଚ୍ଚ ଆସିବ କୋଉଠୁ ? ଲୀନା କହିଲା - ଭାଇ ଷ୍ଟେସନ କଥା ଛାଡ଼, ଟ୍ରେନରେ ତ ପାଣି ମିଳିଯିବ। ପୁଣି ଗୋଟେ ଏକ୍‌ସ୍‌ଟ୍ରା ବୋତଲ କ'ଣ ପାଇଁ ? ରାଜୀବ ବାବୁ କହିଲେ - ଗତଥରର ମୁମ୍ବାଇ ଟ୍ରିପ୍ ମନେ ଅଛିନା ? ମହେଶର ପେଟ ଗୋଳମାଳ ହେଲା, ବିଚରା ତରବର ହୋଇ ଶୌଚାଳୟ ଭିତରକୁ ପଶିଗଲା। ୧୫ ମିନିଟ ପରେ ଜଣେ ମାଉସୀ ଆସି କହିଲେ, ଶୌଚାଳୟ ଭିତରୁ କିଏ କହୁଛି ୪୨ ନମ୍ବର ସିଟରେ ଯିଏ ଅଛନ୍ତି, ତାଙ୍କୁ ଟିକେ ଡାକି ଦିଅନ୍ତୁ। ମୁଁ ଯାଇ ତାକୁ ପଚାରିଲି, ଆରେ କଣ ହେଲା ? ପେଟ ବହୁତ କାଟୁଛି କି ? ବିଚରା କାନ୍ଦି କାନ୍ଦି କହିଲା- ଭାଇ ପେଟ ସଫା ହେଇଗଲା, ହେଲେ ପ୍ୟାଣ୍ଟ ପିନ୍ଧି ହେଉନି, କାରଣ ଭିତରେ ପାଣି ଆସୁନି। ଧୁଆଧୋଇ ହେଲେ ତ କଣ କରିବି ? ତୁମେ ଶୀଘ୍ର ଗୋଟେ ବୋତଲ ରେଳନୀର ନେଇ ଆସ, ନହେଲେ ମୁଁ ଏଇ ଟଏଲେଟରେ ବସି ବସି ଯିବି। ସେଇଥି ପାଇଁ ମୁଁ ସବୁବେଳେ କହି ଆସୁଛି, ରେଳରେ ଯିବାବେଳେ ଗୋଟିଏ ବୋତଲ ଅଧିକ ପାଣି ଧରି ଯାଅ। କଂଗ୍ରେସିଆ ଗାଡ଼ି ତ, ତେଣୁ ଅନ୍ୟ ବ୍ୟବସ୍ଥା ଥାଉ କି ନଥାଉ, ରେଳନୀରର ଅଭାବରୁ ଯେମିତି କିଏ ଶୌଚାଳୟରେ ବନ୍ଦ ହୋଇ ରହି ନଯାଉ।


ନୀତି ଶିକ୍ଷା - ରେଳଗାଡ଼ିରେ ଶୌଚାଳୟ ବ୍ୟବହାର କରିବାପୂର୍ବରୁ ନିଶ୍ଚିତ କରି ନିଅନ୍ତୁ ଯେ ପାଣି ଆସୁଛି ନା ନାହିଁ।

'ଭାରତୀୟ ରେଳନୀର ବିଭାଗ ପକ୍ଷରୁ ଜନହିତରେ ଜାରି'



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# Photography Contests 2013




**Winners of Odisha SNAPSHOTS Photography Contest 2013 :**
1st : Prateek Messed Up, 2nd : PRAMOD K.DHAL, 3rd : Manas Pradhan, 4th : satish suman behera, 5th : Debasish Dash, 6th : Harun Aftab Rasheed, 7th : Mrugesh Baishnav Panigrahi, 8th : Shantanu Barad




**Winners of Sun n Summer Photography Contest 2013 :**
1st : Amrutansu Panda, 2nd : Mrugesh Baishnav Panigrahi, 3rd : Pramod Dhal, 4th : Manas Pradhan,
5th : Satish Suman Behera, 6th : Satish Suman Behera, 7th : Manas Pradhan, 8th : Amar Barik

# ବିଶେଷ ସୂଚନା

ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ । ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ବାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ବାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ବରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

**aahwaan@gmail.com**

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**
ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ବାନ'